# ନାମାଙ୍କନପତ୍ର ଦାଖଲ କଲେ ଅନନ୍ତ, ମନୋଜ ମଞ୍ଜରୀ, ରମାନାଥ


ସମର୍ଥକଙ୍କ ଗହଣରେ ଅନନ୍ତ ଦାସ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ବାଲେଶ୍ୱର ଅଫିସ,୩।୪

ନିର୍ବାଚନ କମିଶନ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିବସ ବୁଧବାରରେ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଅନନ୍ତ ଦାସ ଏବଂ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋଜ ମଞ୍ଜରୀ ଦେବୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର ଲୋକସଭା ପ୍ରାର୍ଥୀ ପାଇଁ ରମାନାଥ ବାରିକ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୀଳଗିରି, ଜଳେଶ୍ୱର, ଭୋଗରାଇ, ସଦର, ରେମୁଣା, ସୋର, ଏବଂ ସିମୁଳିଆବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦ରୁ ଅଧିକ ସେଟ୍ ନାମାଙ୍କନ ପତ୍ର କ୍ରୟ ହୋଇଥିବାର ଜଣାପଡିଛି। ସେହିପରି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ପାଇଁ ସରୋଜ କୁମାର ପଣ୍ଡା ନାମାଙ୍କନ ପତ୍ର କ୍ରୟ କରଥିବାର ଜିଲା ଉପ-ନିର୍ବାଚନ ଅଧିକାରୀ ମନୋଜ କୁମାର ସେନାପତି ପ୍ରକାଶ କରିଛନ୍ତି ।

ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବରେ ପ୍ରଥମେ ରମାନାଥ ବାରିକ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଫିସରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଅନନ୍ତ ଦାସ ନିଜର ସମର୍ଥକମାନଙ୍କ ସହ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କ ଅଫିସ୍‌ରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ଜିଲା ସଭାପତି ଇଂ.ରବୀନ୍ଦ୍ର ଜେନା, ଜିଲାପରିଷଦ ସଭାପତି ନିବେଦିତା ମହାନ୍ତିଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ। ଭୋଗରାଇର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ନାମାଙ୍କନ ପତ୍ର ଦାଖଲ କରିବା ଅବସରରେ ଭୋଗରାଇ ନିର୍ବାଚନମଣ୍ଡଳୀର ବିକାଶ ଧାରାରେ ରାସ୍ତାଘାଟ, ଉଦୟପୁର ବେଳାଭୂମି ବିକଶିତ, ଜଳେଶ୍ୱରରୁ ଦୀଘା ରାସ୍ତା ସବୁଠାରୁ ବଡ଼ ପ୍ରକଳ୍ପ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଲୋକାଭିମୁଖୀ ଯୋଜନା ପାଇଁ ଭୋଗରାଇବାସୀ ବିଜେଡି ପ୍ରତି ଆସ୍ଥାପ୍ରକଟ କରିବା ସହ ତାଙ୍କ ପ୍ରତି ଆଶୀର୍ବାଦ ରଖିଥିବା ସେ କହିଛନ୍ତି।


ରମାନାଥ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ଜେଏମଏମ ପ୍ରାର୍ଥୀ ଘୋଷଣାକୁ ନେଇ ବିରୋଧାଭାସ

**ଆପତ୍ତି ଉଠାଇଲେ ଜିଲା ସଭାପତି**

**ବାରିପଦା ଅଫିସ,୩।୪:** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ପକ୍ଷରୁ ବୁଧବାର ରାଜ୍ୟର ଗୋଟିଏ ଲୋକସଭା ଓ ୫ ଟି ବିଧାନସଭା ଆସନରେ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ ଏହାକୁ ନେଇ ଦଳରେ ବିରୋଧାଭାସ ପ୍ରକାଶ ପାଇଛି। ଜିଲା ସଭାପତି ଫାଗୁ ହାଁସଦା କହିଛନ୍ତି ଯେ, ମୟୂରଭଞ୍ଜ ଲୋକସଭା ଆସନ ସହିତ ଏହା ଅଧୀନ ସାରସକଣା, ମୋରଡା ଓ ବାଙ୍ଗିରିପୋଷି ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିଛି। ତେବେ କେତେକ ନିର୍ଦ୍ଦିଷ୍ଟ ଆସନରେ ଦଳ ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଦିଆଯାଇ ନାହିଁ। ଦଳର ଏହି ନିଷ୍ପତ୍ତିକୁ ପୁନର୍ବିଚାର କରିବା ଲାଗି ସେ ଦାବି କରିଛନ୍ତି। ଯେଉଁ ବ୍ୟକ୍ତିମାନେ ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ନିଜ ସତ୍ତା ହରାଇଥିଲେ ଏବେ ଦଳ ସେମାନଙ୍କୁ ପ୍ରାର୍ଥୀ କରିଛି। ଏ ନେଇ ସେ ଦଳର ସୁପ୍ରିମୋଙ୍କୁ ଜଣାଇଛନ୍ତି। ଏହି କ୍ରମରେ ଗୁରୁବାର କେନ୍ଦ୍ରୀୟ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ଲାଗି ତାଙ୍କୁ କୁହାଯାଇଛି।

ଉଲ୍ଲେଖନୀୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ଜିଲା ସଭାପତି ଫାଗୁ ହାଁସଦା ବାରିପଦା ନିର୍ବାଚନମଣ୍ଡଳୀରେ ଜେଏମଏମ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ସେ ଏଥର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ଥିଲେ। ତେବେ ଦାଳ ତାଙ୍କୁ ଟିକଟ ଦେଇ ନାହିଁ। ଟିକେଟ ମିଳି ନ ଥିଲେ ମଧ୍ୟ ସେ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଦଳର ସୁପ୍ରିମୋଙ୍କ ଉପରେ ତାଙ୍କର ଆସ୍ଥା ରହିଛି। ସେ ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି ହାଁସଦା ଆଶା ବ୍ୟକ୍ତ କରିଛନ୍ତି।

# ଭାଜପା ପ୍ରାର୍ଥୀଙ୍କ ପ୍ରଚାରରେ ଅଭିନେତ୍ରୀ ନିଲୁ

ଧାମନଗର, ୩।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକରେ ଭାଜପାର 'ପ୍ରତି ଘରେ ପଦ୍ମ' କାର୍ଯ୍ୟକ୍ରମ ଜାରି ରହିଛି। ଧାମନଗର ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଭାଜପାରୁ ଟିକେଟ ପାଇବା ପରେ ତାଙ୍କ ପାଇଁ ଦଳୀୟ ପ୍ରଚାର ଆରମ୍ଭ ହୋଇଛି। ଭାଜପା କର୍ମକର୍ତ୍ତାଙ୍କ ସହ ମିଶି ଅଭିନେତ୍ରୀ ନିଲୁ ବୁଲି ବୁଲି ହସନାବାଦ ପଞ୍ଚାୟତରେ ପ୍ରାର୍ଥୀ ବିଷ୍ଣୁଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ପ୍ରତି ଘରେ ପଦ୍ମ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ପଦକ୍ଷେପ ସହିତ ସ୍ୱଚ୍ଛ ଏବଂ ସଶକ୍ତ ଭାରତ ଗଠନ ନେଇ ପ୍ରଚାର କରିଥିଲେ। ଏଥିସହ ରାଜ୍ୟରେ ଭାଜପା ସରକାର ଗଠନ ସକାଶେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ବିଷ୍ଣୁଙ୍କୁ ଜିତାଇବା ପାଇଁ ସେ ଭୋଟ ଭିକ୍ଷା କରିଥିଲେ। ସେହିପରି ଧୂଷୁରୀ, ସାହସପୁର, ଫତେପୁର ଓ ବମକୁରା ଆଦି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ସୂର୍ଯ୍ୟବଂଶୀ ସୁରଜ, ଜିଲାପରିଷଦ ସଭ୍ୟା ଉମାମଣି ସାହୁ, ସରପଞ୍ଚ ଅନିରୁଦ୍ଧ ସାହୁ, ସଦାଶିବ ପୋଥାଳ, ଅନ୍ତର୍ଯ୍ୟାମୀ ପତି, ଗଣେଶ ଦାସ, ସୁରେଖା ମୁଦୁଲି, ମାନସୀ ବସନ୍ତିଆ, ବାଦଲ ବିଶ୍ୱାଳ, ଆଶିଷ ଜେନା, ବିନୋଦ ରାଉତ, ଦୀପକ ସାହୁ ଓ ଅଜୟ ବଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ପ୍ରାର୍ଥୀପତ୍ର ଦାଖଲ କଲେ ଜୟଦେବ

ଆନନ୍ଦପୁର, ୩।୪(ସ୍ୱ.ପ୍ର.)

**ଆନନ୍ଦପୁର ନିର୍ବାଚନମଣ୍ଡଳୀ**


ଜୟଦେବ ଯେନାଙ୍କ ଶୋଭାଯାତ୍ରା।

୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର-୨୨ ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଯେନା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିକଟରେ ବୁଧବାର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏପ୍ରିଲ୍ ୨୩ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମାର୍ଚ୍ଚ ୨୮ ତାରିଖରୁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ୭ମ ଦିନ ସୁଦ୍ଧା ୪ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୟଦେବଙ୍କ ସମେତ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଏବଂ ନରେନ୍ଦ୍ର କୁମାର ଯେନା ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଦଳ ପକ୍ଷରୁ ନାମାଙ୍କନ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ଏସୟୁସିଆଇ ପକ୍ଷରୁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୟଦେବ ଆନନ୍ଦପୁର ବ୍ରିଜଛକ କାର୍ଯ୍ୟାଳୟ ଠାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ। ବଡଦାଣ୍ଡ ଠାରେ ଏକ ପଥପ୍ରାନ୍ତ ସଭା କରିବା ସହ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଆଶୀର୍ବାଦ ନେବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସଗ୍ରାମ ଯେନା, ପିସିସି ସଦସ୍ୟ ନିକୁଞ୍ଜ ବିହାରୀ ମିଶ୍ର, ନଗରମଣ୍ଡଳ କଂଗ୍ରେସ ଉପସଭାପତି ହାଡିବନ୍ଧୁ ଖୁଣ୍ଟିଆ, ରାଜ କିଶୋର ଦଳେଇ, ଅଲେଖ ମଲିକ ପ୍ରମୁଖଙ୍କ ସମେତ ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ। ସେହିପରି ଭାଜପା ପ୍ରାର୍ଥୀ ଆଲୋକ ସେଠୀ ନିରାଡମ୍ବର ଭାବେ ନିଜର ଗୋଟିଏ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସର ବିଜୟ ହେବ ବୋଲି ଜୟଦେବ କହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆନନ୍ଦପୁର ଉପଜିଲାପାଳ ସାହୁ ଉପସ୍ଥିତ ଥିବାବେଳେ ଆନନ୍ଦପୁର ତହସିଲଦାର ତପନ ନାୟକ, ରେଭିନ୍ୟୁ ଅଫିସର କୀର୍ତନ ବିହାରୀ ଓଝା, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ଘସିପୁରା ତହସିଲଦାର ରାମଚନ୍ଦ୍ର ଜେନା, ଘସିପୁରା ବିଡିଓ ଡ.ମଧୁସ୍ମିତା ସାମନ୍ତରାୟ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ ଦାୟିତ୍ୱ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଆନନ୍ଦପୁର ଆଇଆଇସି ଗଗନ ବିଶ୍ୱାଳଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ବିଜେଡିର ୨ କର୍ମୀ ସମ୍ମିଳନୀ

**ଧାମନଗର, ୩।୪ (ଡି.ଏନ.ଏ.):** ବୁଧବାର ବିଜେଡିର ୨ଟି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଧାମନଗର ଏନ୍‌ଏସି ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପୂର୍ବାହ୍ନରେ ଶରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ନିର୍ବାଚନ ଲଢ଼ିବା ନେଇ ରଣନୀତି ପ୍ରସ୍ତୁତ ହୋଇଛି। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ଜିଲା କୃଷକ ସେଲ୍ ସଭାପତି ଅଜୟ ନାୟକ, ନାରୀନେତ୍ରୀ ସୁରତି ନାୟକ, ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ପ୍ରମୁଖ ବିଜେଡିକୁ ଜିତାଇବା ପାଇଁ ଶପଥ ନେଇଥିଲେ। ସେହିପରି ସନ୍ଧ୍ୟାରେ ଅସୁରାଳି ମା' ବରୁଣାଇଙ୍କ ପୀଠରେ ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ବିଶାଳ କର୍ମୀ ସମ୍ମିଳନୀ ହୋଇ ସମସ୍ତ ଅନ୍ତର୍ଦ୍ୱନ୍ଦ୍ୱ ଦୂର କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଆହ୍ୱାନ ଦିଆଯାଇଛି। ବିଧାୟକ ମଣ୍ଡଳ, ଜିଲା ବିଜେଡି ସଭାପତି ସ୍ୱାଇଁ, ଜିଲା ନାରୀନେତ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ନାରୀନେତ୍ରୀ ସୁରତୀ ନାୟକ, ବିନୋଦ ନାୟକ, ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାଢୀ, ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ଏବଂ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ସ୍ୱାଗତ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ଜିଲା ବିଜେଡି ସଭାପତି


ନୂତନ ଜିଲା ବିଜେଡି ସଭାପତିଙ୍କ ପାଇଁ ଅନୁଷ୍ଠିତ ସ୍ୱାଗତ ସଭା।

**୯ ନେତାଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ**

**ଭଦ୍ରକ ଅଫିସ, ୩।୪ :** ଭଦ୍ରକ ଜିଲା ବିଜେଡିର ନବନିଯୁକ୍ତ ସଭାପତି ଜଗନ୍ନାଥ ସ୍ୱାଇଁ ବୁଧବାର ବିଧିବଦ୍ଧ ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହାପରେ ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଜେଡିର ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲିକ, ଜିଲା ଉପସଭାପତି ପ୍ରୟାସକାନ୍ତି ସାମଲ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାନସଭା ଆସନ ପ୍ରାର୍ଥୀ ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପ୍ରମୁଖ ସ୍ୱାଗତ ଉତ୍ସବରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କିଛିବର୍ଷ ପୂର୍ବେ ୮ ନେତାଙ୍କ ଉପରେ ଥିବା ନିଲମ୍ବନ ଆଦେଶ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଭାପତି ସ୍ୱାଇଁ ଉଠାଇ ଦେଇଥିବା ଘୋଷଣା କରିଥିଲେ। ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ନେତାମାନେ ହେଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ଜେନା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ କାଉନସିଲର ପ୍ରଣୟ କୁମାର ଦାସ, ଶ୍ୟାମସୁନ୍ଦର ନାୟକ, ସେକ୍ ଜକାଉଲ୍ଲା, ହବିବୁର ରହେମାନ, ଗୋଲାମ ଅଲ୍ଲି ଓ ତାହେର ମହମ୍ମଦ, ସେଖ୍ ନିଜାମୁଦ୍ଦିନ ବୋଲି ସୂଚନା ମିଳିଛି। ନବନିଯୁକ୍ତ ସଭାପତି ସ୍ୱାଇଁ ଦଳୀୟ ସ୍ୱାଭିମାନକୁ ବଜାଇ ରଖିବେ ବୋଲି ତାଙ୍କ ପ୍ରତିକ୍ରିୟା ରଖିଥିଲେ।

# ତିନି ପ୍ରାର୍ଥୀ କ୍ରୟ କଲେ ନାମାଙ୍କନ ପତ୍ର

**ବାରିପଦା ଅଫିସ,୩।୪:** ୨୯ ତାରିଖରେ ମୟୂରଭଞ୍ଜ ଲୋକସଭା ସମେତ ଏହା ଅଧୀନ ୭ଟି ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୨ ତାରିଖରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ଭାଜପା ଲୋକସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁ, ଲୋକସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ନନ୍ଦ କିଶୋର କିସ୍କୁ ଏବଂ ବାଙ୍ଗିରିପୋଷୀ ନିର୍ବାଚନ ମଣ୍ଡଳୀ ପାଇଁ ଯୋଦ୍ଧା ବେଶ୍ରା ନାମାଙ୍କନ ପତ୍ର କ୍ରୟ କରିଛନ୍ତି।

# ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ନଗରପାଳ

ସଜନାଗଡ଼, ୩।୪ (ଡି.ଏନ୍.ଏ.)

ବାଲେଶ୍ୱର ଜିଲାର ନୀଳଗିରି ନିର୍ବାଚନ ମଣ୍ଡଳୀ ସବୁ ବେଳେ ଚର୍ଚ୍ଚାରେ ରହିଆସିଛି। ୨୦୧୯ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ହେବାପରେ ସବୁ ରାଜନୈତିକ ଦଳ ମଧ୍ୟରେ ବାଜିସାରିଲାଣି ରାଜନୈତିକ ବିଗୁଲ। ନୀଳଗିରି ନର୍ବାଚନ ମଣ୍ଡଳୀରେ ନୀଳଗିରି ଏନ୍‌ଏସିକୁ ଲଗାଇ ୩ଟି ବ୍ଲକ ତଥା ନୀଳଗିରିରେ ୨୫ ଗୋଟି, ଔପଦାରେ ୧୧ଟି ଓ ବାହାନଗାରେ ୫ଟି। ବୁଧବାର ନୀଳଗିରି ବିଜେଡିକୁ ପୁଣି ଏକ ଶକ୍ତ ଧକ୍କା ଲାଗିଛି ।ନୀଳଗିରିର ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆଙ୍କ ସମେତ ୬୦୦ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିଜେଡିରୁ ଇସ୍ତଫା ଦେଇଛନ୍ତି। ନିଜର ଇସ୍ତଫା ପତ୍ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲା ସଭାପତି ରବୀନ୍ଦ୍ର ଜେନା ଏବଂ ନୀଳଗିରି ଏନ୍‌ଏସିର ସଭାପତି କାର୍ତ୍ତିକ ଚନ୍ଦ୍ର ରାୟଙ୍କ ନିକଟକୁ ପଠାଇଛନ୍ତି। ବୁଧବାର ନୀଳଗିରି ଜେଲରୋଡ ସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଅପରାହ୍ନ ୪ଟାରେ ୧୩ ଗୋଟି ୱାର୍ଡର ସକ୍ରିୟ କର୍ମୀ ମାନଙ୍କୁ ନେଇ ମତାମତ ଲୋଡିଲାପରେ ଏବଂ ନିଜର ଦଳର ଯୋଗ ବିୟୋଗ ସୁକାନ୍ତଙ୍କୁ ସମର୍ଥନ ଜଣାଇ ଦଳରୁ ଇସ୍ତଫା ଘଟଣା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ସୂଚନା ଅନୁସାରେ ରାଧାଗୋବିନ୍ଦ ଖଟୁଆ ନୀଳଗିରି ଏନ୍‌ଏସିରେ ୨ ଥର କାଉନ୍‌ସିଲର, ଗତଥର ନୀଳଗିରିରେ ନଗରପାଳ ଥିଲା ବେଳେ ତାଙ୍କ ସ୍ତ୍ରୀ ଶାନ୍ତିଲତା ଖଟୁଆ ମଧ୍ୟ ଥରେ କାଉନ୍‌ସିଲ ଓ ଥରେ ନଗରପାଳିକା ଭାବେ ନିର୍ବାଚିତ ହୋଇଥିଲେ। ୨୧ ବର୍ଷ ଧରି ରାଧା ଗୋବିନ୍ଦ ଖଟୁଆ ଗୋପିନାଥପୁର ସେବା ସମବାୟ ସମିତିରେ ସଭ୍ୟ ସହ ସଭାପତି ଭାବେ ନିଜର କାର୍ଯ୍ୟ ସୂଚାରୁରୂପେ ତୁଲାଇ ଆସୁଛନ୍ତି। ତେବେ ଦଳ ଛାଡିଲା ପରେ ସେ ଭାଜପାରେ ମିଶିପାରନ୍ତି ବୋଲି ତାଙ୍କ ସମର୍ଥକଙ୍କ ନିକଟରୁ ଶୁଣାଯାଉଛି।

# ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ଉପରେ ନଜର ରଖିବେ ପର୍ଯ୍ୟବେକ୍ଷକ


ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ପର୍ଯ୍ୟବେକ୍ଷକମାନେ।

**ଭଦ୍ରକ ଅଫିସ, ୩।୪:** ଚଳିତ ନିର୍ବାଚନରେ ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ କଡ଼ା ନଜର ରଖାଯିବ। ଏଥିଲାଗି ନିୟୋଜିତ ଅଧିକାରୀମାନଙ୍କୁ ସଜାଗ ରହିବାକୁ ଅନୁଷ୍ଠିତ ଏକ ନିର୍ବାଚନୀ ବୈଠକରେ ଭଦ୍ରକକୁ ଆସିଥିବା ପର୍ଯ୍ୟବେକ୍ଷକମାନେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ସହାୟକ ପର୍ଯ୍ୟବେକ୍ଷକ ଭିଡିଓ ସର୍ଭିଲାନ୍ସ ଟିମ୍, ଷ୍ଟାଟିକ ସର୍ଭିଲାନ୍ସ ଟିମ୍‌କୁ ତାଲିମ ଦେବା ଅବସରେ ସୂଚନା ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ଭଦ୍ରକ ସଂସଦୀୟ କ୍ଷେତ୍ର ନିମନ୍ତେ ଅର୍ଥ ପର୍ଯ୍ୟବେକ୍ଷକ ବରୁଣ ରଙ୍ଗସ୍ୱାମୀ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବିଧାନସଭା କ୍ଷେତ୍ର ପାଇଁ ନିଯୁକ୍ତ ଅର୍ଥ ପର୍ଯ୍ୟବେକ୍ଷକ ଡି. ବବିଥା ଏବଂ ଭଦ୍ରକ ଓ ଭଣ୍ଡାରିପୋଖରୀ ପାଇଁ ନିଯୁକ୍ତ ସ୍ୱର୍ଣ୍ଣଶ୍ରୀ ରାଓ ରାଜଶେଖର ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ଓ ଏହାର ଆକଳନ ସମ୍ପର୍କରେ ବୁଝାଇଥିଲେ। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଓ ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ପ୍ରାର୍ଥୀପତ୍ର ଦାଖଲ କଲେ ବିଷ୍ଣୁବ୍ରତ

ଭଦ୍ରକ ଅଫିସ/ବାସୁଦେବପୁର/ପଦ୍ମପୁର, ୩।୪(ଡି.ଏନ.ଏ.)


ବିଷ୍ଣୁବ୍ରତ ରାଉତରାୟ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଶ୍ୟାମଭକ୍ତ ମିଶ୍ରଙ୍କ ନିକଟରେ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଷ୍ଣୁବ୍ରତ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ବାସୁଦେବପୁରର ଆରାଧ୍ୟ ଦେବତା ବଳଦେବଜୀଉ, ମା' ଭେଡାନାୟକାଣୀ ଓ ଏଡତାଳର ପାବନକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ଧାମରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ତାଙ୍କ ସହ ଜିଲା ବିଜେଡି ଉପସଭାପତି ଦେବଦର୍ଶନ ଦାସ, ବ୍ଲକ ଯୁବ ସଭାପତି ଅସିତ କୁମାର ଦାସ, ବ୍ଲକ ସଭାପତି ଭାଗୀରଥି ବଳ, ବରିଷ୍ଠ ନେତା ସୁରେଶ ଚନ୍ଦ୍ର ମହାନ୍ତି, ଗିରୀଶ ଚନ୍ଦ୍ର ସାମଲ, ଦୀନବନ୍ଧୁ ଦାସ, ରାଜାକୁମାର ନାୟକ, ଉତ୍ତମ କୁମାର ପାତ୍ର, ବନଜ କୁମାର ମହାପାତ୍ର, ଜୟକୃଷ୍ଣ ନାୟକ, ହରେକୃଷ୍ଣ ଦତ୍ତ, ଉମାକାନ୍ତ ଦାସ, ପୃଥ୍ୱୀରାଜ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ମୁକ୍ତିକାନ୍ତ ଦତ୍ତ ଓ ହଜାର ହଜାର ସମର୍ଥକ ଶୋଭାଯାତ୍ରାରେ ଏଡ଼ତାଳଠାରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟରୁ ସମର୍ଥକଙ୍କ ସହ ବିଷ୍ଣୁବ୍ରତ ଏକ ଘଣ୍ଟୁଆ ଓ ଆତସବାଜି ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଲୋକ ସଭାର ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ବିଜେଡି ନେତା ସୁରେଶ ମହାନ୍ତି ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା' କୀଚକେଶ୍ୱରୀଙ୍କୁ ପୂଜାର୍ଚ୍ଚନା କଲେ ଦେବାଶିଷ, ଗୋଲକ ବିହାରୀ

**ଭଞ୍ଜକିଆ, ୩।୪(ଡି.ଏନ୍.ଏ.):** ମୟୂରଭଞ୍ଜ ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଦେବାଶିଷ ମାର୍ଣ୍ଡି ଓ ଯଶିପୁର ବିଧାନସଭା ପ୍ରାର୍ଥୀ ଗୋଲକ ବିହାରୀ ନାୟକ ବୁଧବାର ମିଳିତଭାବେ ଖିଚିଂ ଆସି ମା' କୀଚକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଶୁକୁଳି ଓ ରରୁଆଁ ବ୍ଲକ୍‌ର ଶତାଧିକ କର୍ମୀ ବାଇକ୍ ରାଲିରେ ଖିଚିଂରୁ ବାହାରି ଶୁକୁଳି, ରରୁଆଁ ଓ ଯଶିପୁର ବ୍ଲକ୍ ପରିକ୍ରମା କରିଥିଲେ। ରରୁଆଁ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଶତାଧିକ ମହିଳା ଉପସ୍ଥିତ ରହି ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଇଥିଲେ। ଦେବାଶିଷ ଓ ଗୋଲକ ବିହାରୀ ପୂଜାର୍ଚ୍ଚନା ସାରି ଅଙ୍ଗାରପଦା, ବୈଦ୍ୟନାଥ, ମୁକୁନା, ଭଞ୍ଜକିଆ, ମଣଦା ରାସ୍ତାରେ ଦଳୀୟ କର୍ମୀଙ୍କ ଗହଣରେ ଯାଇ ଯଶିପୁରଠାରେ ପହଞ୍ଚିଥିଲେ। ସେଠାରେ ସେମାନେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ।

### ବାରିପଦା ମହାବିଦ୍ୟାଳୟରେ ଦିନିକିଆ ସ୍ୱାସ୍ଥ୍ୟ ଶିବିର

**ବାରିପଦା ଅଫିସ,୩।୪:** ବାରିପଦା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଏହାର ପୋଷ୍ୟ ଗ୍ରାମ ବେତନାଠାରେ ଦିନିକିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯକ୍ଷ୍ମା, ଏଡ୍‌ସ ଭଳି ବିଭିନ୍ନ ମାରାତ୍ମକ ରୋଗ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଡାକ୍ତର କରୁଣାକର ମହାପାତ୍ର ଓ ଡାକ୍ତର ଅଲିଭା ଦାସ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ। ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସାଲାଇ ହେମ୍ବ୍ରମ, ଆଶାକର୍ମୀ ଶକୁନ୍ତଳା ବିନ୍ଧାଣୀ, ମହାବିଦ୍ୟାଳୟ ଅଧକ୍ଷ ରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଗୋପବନ୍ଧୁ ମହାନ୍ତ, ଡକ୍ଟର ତରୁଣ କୁମାର ଓଝା ଓ ବରିଷ୍ଠ ଅଧ୍ୟାପକ ରାଜକୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଳୀ ପଣ୍ଡା ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

# ଦାବି ପୂରଣ କର, ନଚେତ ଭୋଟ ବର୍ଜନ

**ରାଇରଙ୍ଗପୁର, ୩।୪(ଡି.ଏନ.ଏ.)**

■ଦାବି ଶୁଣିଲାନି ପ୍ରଶାସନ

■ଆପତ୍ତି ଜଣାଇ ନିରାଶ ଗ୍ରାମବାସୀ

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଗୁଡିଆ ନଦୀ ବ୍ଲକରେ ସେତୁ ନିର୍ମାଣ ଦାବି ନେଇ ବହଳଦା ବ୍ଲକ ଅଧୀନ ଅଁଳାଯୋଡି ପଞ୍ଚାୟତର ଡକଡିହା ଓ ଗ୍ରାମ ଓ ଆଖପାଖର ଲୋକେ ଏଥର ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଗ୍ରାମବାସୀ ମଙ୍ଗଳବାର ସ୍ଥାନୀୟ ଉପଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପର ରାଇରଙ୍ଗପୁର ପୌର ପରିଷଦ ଅଧୀନ ୧୧,୧୨ ଓ ୧୪ ନମ୍ବର ୱାର୍ଡ ବାସିନ୍ଦା ରାସ୍ତା ଓ କେନାଲ ଜବରଦଖଲ ସମସ୍ୟା ନେଇ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଦାବି ପୂରଣ କର ନଚେତ ଭୋଟ ବର୍ଜନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଡକଡିହ ଗ୍ରାମବାସୀ ଅଭିଯୋଗ କରିବାକୁ ଆସିଛନ୍ତି।

ଉଲ୍ଲେଖନୀୟ ଯେ,ଅଁଳାଯୋଡି ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ଗୁଡିଆ ନଦୀରେ ବର୍ଷା ଋତୁରେ ବନ୍ୟା ଆସିଲେ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡୁଛି। ଏହି ସମସ୍ୟାର ପ୍ରତିକାର ସମେତ ନଦୀରେ ସେତୁ ନିର୍ମାଣ ଲାଗି ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଲୋକପ୍ରତିନିଧି ଓ ପ୍ରଶାସନକୁ ବାରମ୍ବାର ଜଣାଇ ସେମାନେ ନିରାଶ ହେବା ପରେ ଏଥର ବାଧ ହୋଇ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନିକ ସ୍ତରରେ ଅଣଦେଖା କରାଯାଇ ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି। ଗୁରୁବାରା ନାଏକ, ଚାମରା ନାଏକ,ଗରେଶ୍ୱର ପାତ୍ର ଏବଂ ଧନେଶ୍ୱର ପୂର୍ତ୍ତିଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରଥିବା କହିଛନ୍ତି । ଅନୁରୂପ ଭାବେ ରାଇରଙ୍ଗପୁର ପୌର ପରିଷଦ ଅଧୀନ ୧୧.୧୨ ଓ ୧୪ ନମ୍ବର ୱାର୍ଡ ବାସିନ୍ଦା ଯାତାୟାତ ରାସ୍ତା ଓ କେନାଲ ଅବରୋଧ ଘଟଣା ନେଇ ଭୋଟ ବର୍ଜନ ଧମକ ଦେଇ ମଙ୍ଗଳବାର ଉପଜିଲାପାଳ ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଜନୈକ ପ୍ରଭାବଶାଳୀ ବ୍ୟକ୍ତି ରଚିଣ୍ଡା ବସ୍ତି ଅଞ୍ଚଳ ପାଶ୍ୱରେ ଏଭଳି ଅବରୋଧ କାର୍ଯ୍ୟ କରିଥିବାରୁ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ । ଏହାର ପ୍ରତିବାଦର ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି। ଉପରୋକ୍ତ ୩ ୱାର୍ଡର ଶତାଧିକ ମହିଳା କାଉନ୍‌ସିଲର ଅନୂପ କୁମାର ମହାନ୍ତି, ମହିଳା ସମିତି ସଭାପତି ସରସ୍ୱତୀ ସାହୁ ଏବଂ ସମ୍ପାଦକ ପଦ୍ମିନୀ ଜେନାଙ୍କ ନେତୃତ୍ୱରେ ଆସି ଦାବିପତ୍ର ପ୍ରଦାନ କରିଥିଲେ।

# ଚିଟ୍‌ଫଣ୍ଡ ଜମାକାରୀଙ୍କ ଗଣସତ୍ୟାଗ୍ରହ ଚେତାବନୀ

**ବାରିପଦା ଅଫିସ,୩।୪**

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀମାନେ ଜମା ଟଙ୍କା ଫେରସ୍ତ ପାଇ ନ ଥିବାରୁ ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲାର ଜମାକାରୀ ବିଭିନ୍ନ ପର୍ଯ୍ୟାୟରେ ଶାନ୍ତିପୂର୍ଣ୍ଣ ଭାବେ ଗଣସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୭ତାରିଖ ଠାରୁ ୨୪ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ତହସିଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ଏହି ସତ୍ୟାଗ୍ରହ କରାଯିବ। ସକାଳ ୯ଟାରୁ ଏହା ଆରମ୍ଭ ହେବ । ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତଙ୍କ ଜମାକାରୀଙ୍କୁ ନେଇ ଗଠିତ ମିଳିତ ମଞ୍ଚର ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ଏଠାରେ ଏକ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିକାଶ ପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ବାରିକ,ମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାସ,ହରିବନ୍ଧୁ ମହାନ୍ତ, ଅପୂର୍ବା ମହାନ୍ତି, ଜଗନ୍ନାଥ ମହାନ୍ତ ,ରାଧେଶ୍ୟାମ ନାଥ, ବସନ୍ତ ମହାନ୍ତ ,ଅରୁଣ କୁମାର ପରମାଣିକ, ଅଜିତ କୁମାର ପାତ୍ର, କ୍ଷୀରୋଦ ଚନ୍ଦ୍ର ମହାନ୍ତ ,ଗୁରୁଚରଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ସରକାର କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଜମାରାଶି ଫେରାଇବା ପାଇଁ ୨୦୧୩ରୁ ପ୍ରତିଶ୍ରୁତି ଦେଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରାଯାଇ ନାହିଁ । କେଉଁ କ୍ଷୁଦ୍ର ଜମାକାରୀଙ୍କର ଯାଞ୍ଚ ସରିଥିବା କୁହାଯାଉଛି, ସେମାନଙ୍କ ପାଇଁ ଆସିଥିବା ଫେରସ୍ତ ଟଙ୍କାରେ ତାଳମେଳ ନ ଥିବାରୁ ସେମାନଙ୍କୁ ପ୍ରତାରଣାର ଶିକାର ହେବାକୁ ପଡ଼ିଛି। ଏଣୁ ଛୋଟ ବଡ଼ ସମସ୍ତ ଜମାକରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ତହସିଲ ଅଫିସ ଜରିଆରେ ଚିହ୍ନଟ କରି ଟଙ୍କା ଫେରସ୍ତ କରିବା ଦାବି ନେଇ ଏହି ଆନ୍ଦୋଳନ କରାଯିବବୋଲି ମଞ୍ଚର କର୍ମକର୍ତ୍ତା କହିଛନ୍ତି।

■ ନୂଆଁଖାଇ ବଡ଼ାମ ପୂଜା ପାଇଁ ଗାଁ ଉତ୍ସବମୁଖର

# ଚାଙ୍ଗୁ ବାଦ୍ୟ ଓ ନୃତ୍ୟରେ କଟିଲା ସାରା ରାତି

**ଖୁଣ୍ଟା, ୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଶିଆଳିଆ(ଖ) ଗ୍ରାମ ହୁଡିସାହିରେ ବସବାସ କରୁଥିବା ବାଥୁଡି ସମ୍ପ୍ରଦାୟ ପକ୍ଷରୁ ନୂଆଁଖାଇ ବଡାମ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ହୁଡିସାହି ମିଶନ ଶକ୍ତି ପକ୍ଷରୁ ସାରା ରାତି ଚାଙ୍ଗୁ ବାଦ୍ୟ ଓ ନୃତ୍ୟ ପରିବେଷଣ ଗ୍ରାମ ପରିବେଶକୁ ଉତ୍ସବମୁଖର କରିଥିଲା। ପରମ୍ପରା ଅନୁଯାୟୀ ବାଥୁଡି ସମ୍ପ୍ରଦାୟର ଲୋକେ ଗତ ସୋମବାର ଜଙ୍ଗଲରୁ ଶାଳ, ମହୁଲ, ଚାର, କେନ୍ଦୁ, ଆମ୍ବ ଆଦି ବିଭିନ୍ନ ପ୍ରକାର ଗଛର ନୂଆ ପଲ୍ଲବିତ ଡାଳ, ଫୁଲ ଫଳ ସଂଗ୍ରହ କରି ଏହାକୁ ଆଣି ରଖିଥିଲେ। ସନ୍ଧ୍ୟାରେ ପାରମ୍ପରିକ ଗୀତ ସହିତ ଚାଙ୍ଗୁ ବାଦ୍ୟ ଓ ନୃତ୍ୟର ତାଳେତାଳେ ଗ୍ରାମର ଦେହୁରୀ (ପୂଜକ) ଗୌରାଙ୍ଗ ନାଏକ ଓ ସାରଙ୍ଗ ନାଏକଙ୍କୁ ଏକ ଶୋଭାଯାତ୍ରାରେ ପୀଠକୁ ଅଣାଯାଇଥିଲା। ପୀଠରେ ଦେହୁରୀ ବିଧିମତେ ଅଣ୍ଡା ପୂଜା କରିବା ସହିତ କୁକୁଡ଼ା ଛଡ଼ାଣ ପରେ ପୂର୍ବରୁ ଜଙ୍ଗଲରୁ ଅଣାଯାଇଥିବା ଡାଳଗୁଡିକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମର ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଏସବୁ ଡାଳ, ଫୁଲ ଓ ଫଳକୁ ପୂଜା କରାଯାଇଥିଲା। ସେଠାରେ ସାରା ରାତି ଚାଙ୍ଗୁବାଦ୍ୟ ଓ ନୃତ୍ୟର ମାହୋଲ ଜମିଥିଲା। ମଙ୍ଗଳବାର ସକାଳେ ପୂଜିତ ଡାଳଗୁଡ଼ିକୁ ନେଇ ଗ୍ରାମର ସୀମାପାର ସ୍ଥାନରେ ମେଲାଣି ଦିଆଯାଇଥିଲା। ଗାଁର ପୁରୁଖା ଲୋକେ କହିଛନ୍ତି, ଆମ ସମ୍ପ୍ରଦାୟର ଲୋକେ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଆସୁଛନ୍ତି। ଜଙ୍ଗଲରେ ହେଉଥିବା ନୂଆ ଫଳ ଆଦିକୁ ପ୍ରଥମେ ପୂଜା କରି ଇଷ୍ଟ ଦେବତାଙ୍କୁ ଅର୍ପଣ କରିବା ପରେ ଆମେ ଗ୍ରହଣ କରିଥାଉ। ଏଭଳି ପୂଜା ଯୋଗୁ ଗ୍ରାମକୁ କୌଣସି ବିପତ୍ତି ଆପତ୍ତି ପଡି ନ ଥାଏ ବୋଲି ବିଶ୍ୱାସ ରହିଛି ।

### କୁଳିଅଣାରେ ରାଜସ୍ୱ ଆଦାୟ ରେକର୍ଡ

**କୁଳିଅଣା,୩।୪(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର କୁଳିଅଣା ତହସିଲ ପକ୍ଷରୁ ୨୦୧୮-୧୯ ଆର୍ଥିକବର୍ଷରେ ୨ କୋଟି ୫୫ ଲକ୍ଷ ୯ ହଜାର ୯୦୧ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ୨ କୋଟି ୧୫ ଲକ୍ଷ ୮୧ ହଜାର ଟଙ୍କାର ରାଜସ୍ୱ ଆଦାୟର ଲକ୍ଷ୍ୟ ଥିବାବେଳେ ରେକର୍ଡ ମୁତାବକ ଶତକଡା ୧୧୮.୨୧ ରାଜସ୍ୱ ଆଦାୟ ହୋଇଛି। ସେହିପରି ଭୂରାଜସ୍ୱ ଆଦାୟ ୧୦୪.୬୪% ହୋଇଛି। ଜଳକର କ୍ଷେତ୍ରରେ ବକେୟା ଏବଂ ଚଳନ୍ତି ରାଜସ୍ୱ ୪ ଲକ୍ଷ ୯୩ ହଜାର ୪୫୭ ଟଙ୍କା ଥିବାବେଳେ ୩ ଲକ୍ଷ ୫୨ ହଜାର ୧୭୭ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି ବୋଲି କୁଳିଅଣା ତହସିଲଦାର ବସନ୍ତ ସାହାଣୀ କହିଛନ୍ତି।

# ଧନୁତୀରର ମାଡ଼ରେ ପୁତୁରା ଆହତ: ଅଭିଯୁକ୍ତ କକା ଗିରଫ

**ରାଇରଙ୍ଗପୁର,୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋରୁମଇଷାଣୀ ଥାନା ଅନ୍ତର୍ଗତ ତିଲେଇପୋଷି ଗ୍ରାମରେ ଏକ ସରକାରୀ ଜାଗାରେ ଥିବା ଗାଡିଆରେ ବନ୍‌ଶୀ କଣ୍ଟା ପକାଇ ମାଛଧରା ଘଟଣାକୁ କେନ୍ଦ୍ରକରି କକା ଓ ପୁତୁରାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ତୀରମାଡ ଯାଏ କଥା ଯାଇଛି। କାକା ଘାସିଆ ନାଏକ ଧନୁତୀର ମାଡ଼ କରିବାରୁ ପୁତୁରା ବରୁଜୁ ନାଏକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତ ପୁତୁରା ବରୁଜୁ ନାଏକଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ବୁଧବାର ଏକ ମାମଲା (ନଂ ୧୮/୨୦୧୯) ରୁଜୁ କରି ଅଭିଯୁକ୍ତ କକା ଘାସିଆଙ୍କୁ ଗିରଫ କରିଛି। ବ୍ୟବହୃତ ଧନୁତୀରକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। କେଶ୍ ନଂ ୧୮/୨୦୧୯। ପୋଲିସ ସୂଚନା ଅନୁଯାୟୀ ପୁତୁରା ବରଜୁ ଗାଡିଆରେ ବନ୍‌ଶୀ କଣ୍ଟା ପକାଇ ମାଛଧରିବା ବେଳେ କକା ଘାସି ନାଏକ ତାଙ୍କୁ ବିରୋଧ କରଥିଲେ। ଏ ନେଇ ମାଡଗୋଳ ହେବାରୁ ଘାସିଆ ନିଜ ଘରୁ ଧନୁ ତୀର ଆଣି ପୁତୁରା ବରଜୁ ଉପରକୁ ମାଡ଼ କରିଥିଲେ। ଏହି ତୀର ବରଜୁଙ୍କ ଗୋଡରେ ବାଜିବାରୁ ସେ ଆହତ ହୋଇଥିଲେ। ରାଇରଙ୍ଗପୁର ହସ୍‌ପିଟାଲରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିବାର ଜଣାଯାଇଛି।

## ଭଦ୍ରକ

### ୨୫୭ ବୁଥ୍‌ରେ ହେବ ମତଦାନ

**ଭଣ୍ଡାରିପୋଖରୀ, ୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଏକ ସମ୍ବେଦନଶୀଳ ଅଞ୍ଚଳ। ଏହି ବିଧାନସଭା କ୍ଷେତ୍ର ନମ୍ବର ୪୩। ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଭଣ୍ଡାରିପୋଖରୀ ବ୍ଲକର ୨୩ ଓ ବନ୍ତ ବ୍ଲକର ୨୫ ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ। ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତରେ ୧୧୮ ଓ ବନ୍ତ ବ୍ଲକର ୨୫ ପଞ୍ଚାୟତରେ ୧୩୯ ବୁଥ୍ ମୋଟ ୨୫୭ ବୁଥ୍ ପାଇଁ ଧାର୍ଯ୍ୟ ହୋଇଛି। ୨୫୭ ବୁଥ୍‌ରେ ନିର୍ବାଚନ ମଣ୍ଡଳୀର ଭୋଟରମାନେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ବ୍ଲକ ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲିକଙ୍କ ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୧ ତାରିଖ ସୁଦ୍ଧା ଏହି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୨୨ ହଜାର ୪୩୩। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୫ ହଜାର ୦୯୯ ପୁରୁଷ ଭୋଟର ଏବଂ ୧ ଲକ୍ଷ ୭ ହଜାର ୩୨୪ ମହିଳା ଭୋଟର ରହିଛନ୍ତି। ୧୦ ଜଣ ଅନ୍ୟ ଭୋଟର ରହିଛନ୍ତି। ୨୫୭ ବୁଥ୍ ମଧ୍ୟରୁ କେତେ ସମ୍ବେଦନଶୀଳ ଓ କେତେ ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ ହୋଇପାରି ନାହିଁ।

### ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଧାମନଗର, ୩।୪ (ଡି.ଏନ.ଏ.):** ଧାମନଗର ବ୍ଲକ ଦିହୁଡି ଆନନ୍ଦପୁରସ୍ଥିତ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବ୍ୟାନର, ପ୍ଲାକାର୍ଡ ଏବଂ ସ୍ଲୋଗାନ ଜରିଆରେ ଶିକ୍ଷାର ପ୍ରଚାର କରାଯାଇଥିଲା। ସେହିପରି ବାହାରବିଲ ନୋଡାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଗାହାଣଙ୍କ ପରିଚାଳନାରେ ଶିକ୍ଷୟିତ୍ରୀ ସ୍ନିଗ୍ଧାପ୍ରଭା ତରାଇ, ରାଜଶ୍ରୀ ବାରିକ, ସୌଭାଗ୍ୟ ଲକ୍ଷ୍ମୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଗ୍ରାମ ପରିକ୍ରମା କରାଇ ସଚେତନତା ସୃଷ୍ଟି କରିଥିଲେ।

# ଜାତୀୟ ରାଜପଥ ମରାମତି କାମରେ ଅନିୟମିତତା

**ଆରଡ଼ି, ୩।୪ (ଡି.ଏନ.ଏ.)**

ପୁଣି ରାସ୍ତା ଦବିଲେ ଆନ୍ଦୋଳନ ଚେତାବନୀ



ଏନ୍‌ଏଚ୍ ୨୦ରେ ମରାମତି ହୋଇଥିବା ରାସ୍ତା।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବୋଡ଼କ-ଷାଠିବାଙ୍କୁଡ଼ା ମଧ୍ୟରେ ଥିବା ବୈତରଣୀ ନଦୀର ପୂର୍ବ ପାର୍ଶ୍ୱସ୍ଥ ୨୦ ନମ୍ବର ଜାତୀୟ ରାଜପଥରେ ଦୀର୍ଘ ୪ ମାସ ତଳେ ଦବିଥିବା ରାସ୍ତାର ମରାମତି କାମ ପ୍ରାୟ ଶେଷ ହେବା ଉପରେ। ଏବେ ମରାମତି ସ୍ଥାନରେ ରାସ୍ତାପାର୍ଶ୍ୱରେ ମାଟି ପକାଯାଉଛି। ତେବେ ଏହି ରାସ୍ତା ମରାମତି କାମକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ମରାମତି ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା, ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାମ ହେବାର ନିୟମ ଥିବାବେଳେ ପୂର୍ବରୁ କାମ ଠିକ୍ ଭାବେ କରି ନ ଥିବା ଜଣେ ସରପଞ୍ଚଙ୍କୁ କିପରି କାମ ଦିଆଯାଇଛି, ସେନେଇ ଷାଠିବାଙ୍କୁଡ଼ା ଓ ବୋଡ଼କ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏତଦ୍‌ବ୍ୟତୀତ ସେଠାରେ ବାରମ୍ବାର ରାସ୍ତା ଧସୁଥିବାର କାରଣ ନ ଖୋଜି ଏକ୍ସପର୍ଟ ଟିମ୍ ଯୋଗାଇ ନ ଦେଇ ବିଭାଗ ପକ୍ଷରୁ ମନମୁଖୀ ଭାବେ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ଉଲ୍ଲେଖନୀୟ ଯେ, ଏହି ରାଜପଥରେ ପ୍ରାୟ ୩ ଥର ରାସ୍ତା ମରାମତି ହୋଇ ସାରିଥିଲେ ବି ପୁନଶ୍ଚ ଦବିଯିବା ଓ ନଦୀଗର୍ଭ ଆଡ଼କୁ ଢଳିବା ନଦୀକୂଳିଆବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ରାସ୍ତା ବିପଜ୍ଜନକ ସ୍ଥିତିରେ ଥିବାବେଳେ ବିଭାଗୀୟ ଅଧିକାରୀମାନେ ମରାମତିରେ ବିଳମ୍ବ ହେବ ବୋଲି କହିଆସୁଥିଲେ। ଏବେ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଦ୍ୱାରା ସେହି ରାସ୍ତାକାମ କରାଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ସ୍ଥାନୀୟ ଜଣେ ରାଜନେତା ସହଯୋଗ କରିଥିଲେ। ସେହି ବ୍ୟକ୍ତି କାମ କରୁଥିବା ଦେଖି ଷାଠିବାଙ୍କୁଡ଼ା ଓ ବୋଡ଼କ ଗ୍ରାମର ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ୨୦୧୭ ଶେଷ ବେଳକୁ ଏଠାରେ ସେହି ବ୍ୟକ୍ତି ଜଣଙ୍କ ରାସ୍ତା ମରାମତି କାମ କରିଥିଲେ। ବର୍ଷକ ମଧ୍ୟରେ ଉକ୍ତ ରାସ୍ତାର ଦବିଥିବା ଓ ଭୁଶୁଡ଼ିଥିବା ସ୍ଥାନରେ ମରାମତି କାମ ସେ କିପରି ପାଇଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ ବେଳେ ସେମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଏସ୍‌ଡିଓଙ୍କୁ ଲୋକେ ଦେଖିବାକୁ ପାଇ ନ ଥିଲେ। ସେମାନେ ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଡାକ ଯୋଗେ ଅଭିଯୋଗ ଜଣାଇଛନ୍ତି। ସେହି ସ୍ଥାନରେ ପୁନର୍ବାର ରାସ୍ତା ଦବିଲେ କିମ୍ବା ଭୁଶୁଡି ପଡ଼ିଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଦୁଇ ଗ୍ରାମର ଅଧିବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ସୁମିତ୍ ସାହୁଙ୍କୁ ପଚାରିବାରୁ ଏଥର ସାଇଡ୍‌ୱାଲ ଦିଆଯାଇଛି ରାସ୍ତା ଦବିବାର ଆଶଙ୍କା ନାହିଁ ବୋଲି କହିଛନ୍ତି।

# ହାଜି ମହମ୍ମଦ ଅବଦୁଲ ବାରି ସମ୍ମାନିତ

**ଭଦ୍ରକ ଅଫିସ, ୩।୪**

୮୪ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ସୁପାରିଶ ହୋଇଥିବା ୮ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଛନ୍ତି ଭଦ୍ରକ ମୁସ୍‌ଲିମ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରି। ଭଦ୍ରକ ସହରର ଦୁଇ ପ୍ରମୁଖ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ଓ ଭ୍ରାତୃତ୍ୱ ପ୍ରତିଷ୍ଠା ରଖିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବାରିଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି।



ହାଜି ମହମ୍ମଦ ଅବଦୁଲ ବାରିଙ୍କୁ ସମ୍ମାନିତ କରାଯାଉଛି।

# 'ସମାଜର ହିତ ଲାଗି ଲେଖା ହେଉ କବିତା'

**ବାସୁଦେବପୁର, ୩।୪ (ଡି.ଏନ.ଏ.)**

ବାସୁଦେବପୁର ବେତଡ଼ାସ୍ଥିତ ବରଣ୍ଡଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ କମିଟି ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାତ୍ରା ଗବେଷକ ତଥା ସାହିତ୍ୟିକ ପଦ୍ମଲୋଚନ ମହାକୁଡ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ଓ ଏହାର ଭୌଗୋଳିକ ସୀମାର ସୁରକ୍ଷା ଦିଗରେ ପ୍ରତି ଓଡ଼ିଆଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ତେବେ କବିତା ସମାଜର ହିତ ଓ ସାମାଜିକ ପରିବର୍ତ୍ତନ ପାଇଁ ଲେଖା ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ ଓ ଅନ୍ୟତମ ଅତିଥି ଭାବେ ଡ. ଗୟାଧର ହୋତା, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମାରୋହରେ ଅବସରପ୍ରାପ୍ତ ଅଧ୍ୟାପକ ତଥା ଲେଖକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ଓ ବରଣ୍ଡଆ ସରପଞ୍ଚ ବସନ୍ତ ମଞ୍ଜରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପବନ୍ଧୁ ଜୟନ୍ତୀ କମିଟି ସଭାପତି ଡ. ରଘୁନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ସାହିତ୍ୟିକ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଲିଖିତ ପୁସ୍ତକ 'ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି' ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ କବିତା ପାଠୋତ୍ସବରେ କବି ତଥା ରଙ୍ଗରାଗ ସମ୍ପାଦକ ପ୍ରଦୀପ୍ତ ମହାନ୍ତି କବିତା ସଂଯୋଜନା କରିଥିଲେ। ୬୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତାପାଠ କରିଥିଲେ। କବି ଓ କବୟିତ୍ରୀଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ରଘୁନାଥ ମହାନ୍ତି ଆଭିମୁଖ୍ୟ ରଖିଥିଲେ।

### ଲୋକକଲ୍ୟାଣ ଜନଶିକ୍ଷା ଅଭିଯାନର ସ୍ୱତନ୍ତ୍ର ବୈଠକ

**ଭଦ୍ରକ ଅଫିସ, ୩।୪**

ପ୍ରତ୍ୟେକ ପିଲା କିଭଳି ପାଠ ପଢ଼ିବେ, ଭଲ ଶିକ୍ଷା ଗ୍ରହଣ କରିବେ ସେନେଇ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗ ଅଧୀନନେ ପଞ୍ଜୀକୃତ ହୋଇଥିବା ଲୋକକଲ୍ୟାଣ ଜନଶିକ୍ଷା ଅଭିଯାନର ଆଞ୍ଚଳିକ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦୈତାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ମହେଶ ରାୟ ବିଶେଷ ଭାବେ ଆଲୋଚନା କରିଥିଲେ। ଶିକ୍ଷାବିତ୍ କରୁଣାକର ବେହୁରିଆ, ରାମଚନ୍ଦ୍ର ସାହୁ, ସନାତନ ସାହୁ, ରମାକାନ୍ତ ଜେନା, ଶରତ ଚନ୍ଦ୍ର ଜେନା, ସତ୍ୟସୁନ୍ଦର ପରିଡା ଓ ରଶ୍ମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୧୮ରୁ ୪୦ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶିକ୍ଷାଭିତ୍ତିକୁ ନେଇ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଏହି ତାଲିମ ଆସନ୍ତା ଜୁନ୍ ୧୭ ଶିକ୍ଷାବର୍ଷରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ।

# ଭୋଟର ସଚେତନତା ପାଇଁ ପାଲା ପରିବେଷଣ

**ଭଣ୍ଡାରିପୋଖରୀ, ୩।୪ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଭୋଟର ସଚେତନତା ପାଇଁ ପାଲା ପରିବେଷଣ କରାଯାଉଛି। ବିଡିଓ ବନମାଳୀ ତରାଇଙ୍କ ତତ୍ତ୍ୱାବଧାନରେ ବ୍ଲକର ନାଆଁମୀ ପଞ୍ଚାୟତ ମଞ୍ଜୁରିରୋଡ ପୋଷ୍ଟଅଫିସ ସମ୍ମୁଖ, ସରସଦା ବଜାର, ଛତାବର ବଜାର, ବାରିକପୁର ବଜାର, କୁଳଣାବଜାର, ଭଣ୍ଡାରିପାଖରୀ କାଳୀ ମଣ୍ଡପ ସମ୍ମୁଖ ଏବଂ ରାଢୋ ବଜାର ଛକଠାରେ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଭିପିଏଟି ମାଧ୍ୟମରେ ଭୋଟରମାନେ କିଭଳି ନିରପେକ୍ଷ ମତଦାନ ସାବ୍ୟସ୍ତ କରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଗାୟକ ରବୀନ୍ଦ୍ର କୁମାର ଜେନା, ଚିନ୍ତାମଣି ନାୟକ, ନରେନ୍ଦ୍ର ବିଶ୍ୱାଳ, ବିଦ୍ୟାଧର ପଣ୍ଡା, ନିଗମାନନ୍ଦ ମିଶ୍ର, ଦୁଃଶାସନ ବାରିକ ଓ ଯୋଗେନ୍ଦ୍ର ସେନାପତି ପାଲା ପରିବେଷଣ କରିଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସରୋଜିନୀ ସାହୁ ପରିଚାଳନା କରୁଛନ୍ତି।



ରାଢୋ ଛକରେ ପାଲା ପରିବେଷଣ କରାଯାଉଛି।

### ଉଜ୍ଜ୍ୱଳ, ଉତ୍‌ଥାନ ସଫଳତା ଲାଗି ଶପଥପାଠ

**ଭଣ୍ଡାରିପୋଖରୀ, ୩।୪ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଉଜ୍ଜ୍ୱଳ ଓ ଉତ୍‌ଥାନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ଦୀପକ ପାଢୀ ଉଜ୍ଜ୍ୱଳ, ଉତ୍‌ଥାନ ସଫଳତା ପାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ବ୍ଲକ ଶିକ୍ଷାଧିକାରୀ ପାଢୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଭିମନ୍ୟୁ ପ୍ରଧାନ ତାଲିମ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସକାରାତ୍ମକ ମନ ଦେଇ ଶିକ୍ଷକମାନେ କାର୍ଯ୍ୟ କଲେ ଏହା ସଫଳ ହେବ ବୋଲି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ କହିଥିଲେ। ଧନେଶ୍ୱର ସାହୁ, ଗଦାଧର ବାରିକ, ଜୟଦେବ ସେନାପତି, ସଞ୍ଜୟ ନନ୍ଦ, ସସ୍ମିତ ମିଶ୍ର, ନିରଞ୍ଜନ ସାମଲ, ଅରୁଣ ସେଠୀ ଓ ବାସୁଦେବ ମହାପାତ୍ର ପ୍ରମୁଖ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ।

## ସଂକ୍ଷେପରେ

### ନିର୍ବାଚନୀ ଖର୍ଚ୍ଚ ଉପରେ ରଖାଯିବ କଡା ନଜର

**ବାଲେଶ୍ୱରଅଫିସ, ୩।୪:** ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପର୍ଯ୍ୟବେକ୍ଷକମାନେ ଆଗାମୀ ନିର୍ବାଚନ ସ୍ୱଚ୍ଛ, ନିରପେକ୍ଷ କରିବା ଦିଗରେ ନିର୍ବାଚନୀ ଖର୍ଚ୍ଚ ଉପରେ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ କିପରି ଅଙ୍କୁଶ ଲଗାଯାଇପାରିବ ସେ ନେଇ ଜିଲାପାଳ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନ ୪ଟାରେ ଆଲୋଚନା କରାଯାଇଥିଲା। ନିର୍ବାଚନ ନିମନ୍ତେ କରାଯାଇଥିବା ବିଭିନ୍ନ ଟିମର ନୋଡାଲ ଅଧିକାରୀମାନଙ୍କୁ ନେଇ ଆୟୋଜନ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ବିଶେଷ ଭାବେ ବିଭିନ୍ନ ଟିମ ତାଙ୍କର କାର୍ଯ୍ୟକ୍ରମର ପ୍ରତିଦିନ ରିପୋର୍ଟ ପ୍ରଦାନ, ସମସ୍ତ କାର୍ଯ୍ୟକ୍ରମରେ ତୀକ୍ଷ୍ଣ ନଜର ରଖିବା, ଅନ୍ୟ ଟିମ୍ ଗୁଡିକ ସହ ସମନ୍ୱୟ ରକ୍ଷା କରିବା, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଟିକିନିକି ଭିଡିଓ ରେକର୍ଡିଂ କରିବା, ସମ୍ମିଳିତ ଲୋକଙ୍କ ସଂଖ୍ୟା, ବ୍ୟବହୃତ ଯାନ, ଖାଦ୍ୟର ଆନୁମାନିକ ପରିମାଣ, ସାଜସଜ୍ଜା, ଡାକବାଜି ଯନ୍ତ୍ର, ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ଭଳି କାର୍ଯ୍ୟର ବିବରଣୀ ରେକର୍ଡ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗତ ମଙ୍ଗଳବାରଠାରୁ ଭାରତୀୟ ରାଜସ୍ୱ ସେବାର ୪ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜିଲାରେ ଆସି ପହଞ୍ଚିଛନ୍ତି ସେମାନେ ହେଲେ ୩୯-ରେମୁଣା, ୪୦-ନୀଳଗିରି ପାଇଁ ସୁଶ୍ରୀ ଶଶୀ କାଜଲେ, ୩୫-ଜଳେଶ୍ୱର, ୩୬-ଭୋଗରାଇ, ୩୭-ବସ୍ତା, ୩୮-ବାଲେଶ୍ୱର ସଂସଦୀୟ ନିର୍ବାଚନୀ ମଣ୍ଡଳୀ ପାଇଁ ହାରିସନ ଆଣ୍ଟୋନୀ, ୪୧-ସୋର, ୪୨-ସିମୁଳିଆ ପାଇଁ ଏସ୍. ନଟରାଜନ ଏବଂ , ୩୫-ଜଳେଶ୍ୱର, ୩୬-ଭୋଗରାଇ, ୩୭-ବସ୍ତା, ୩୮-ବାଲେଶ୍ୱର ବିଧାନସଭା ନିର୍ବାଚନୀ ମଣ୍ଡଳୀ ପାଇଁ ଜିତେନ୍ଦ୍ର ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍, ପିଡି, ଉପଜିଲ୍ଲାପାଳ, ବାଲେଶ୍ୱର ଓ ନୀଳଗିରି ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ ସହ ସମସ୍ତ ନୋଡାଲ ଅଫିସର, ପୋଲିସ୍ ନୋଡାଲ୍ ଅଫିସର, ଅବକାରୀ ନୋଡାଲ ଅଫିସର, ସମସ୍ତ ସହକାରୀ ରିଟର୍ଣ୍ଣିଂ ଅଫିସର ଓ ସିଙ୍ଗଲ ୱିଣ୍ଡୋ ଟିମ୍ର ନୋଡାଲ ଅଧିକାରୀମାନେ ଯୋଗ ଦେଇଥିଲେ।

### ଟ୍ରକ୍ ଚାପାରେ ଛାତ୍ର ମୃତ

**କୋଲିମାଟି, ୩।୪(ଡି.ଏନ.ଏ.):** ଘସିପୁରା ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥ ଧକୋଠା ବନ୍ଧ ଗାଁ ନିକଟରେ ବୁଧବାର ଅପରାହ୍ନ ୪ଟା ୫୦ ମିନିଟ ସମୟରେ ଏକ ଟ୍ରକ୍ ଚାପାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ମହାକୁଡ (୧୫)। ଘଟଗାଁ ପଟରୁ ଆସୁଥିବା ଏକ ସିମେଟ ବୋଜେଇ ଟ୍ରକ୍ କନ୍ତୋ ଗଉଡ ସାହିରୁ ସାଇକେଲରେ ଧକୋଠା ବଜାର ଯାଉଥିବା ଚନ୍ଦନଙ୍କୁ ଚାପି ଦେଇଥିଲା। ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା ଲୋକଙ୍କୁ ବୁଝାସୁଝା କରିଛି।

# 'ଉଜାଡ଼ି ଦିଅନି ଜିଲାର ପରମ୍ପରା'

**ବାରିପଦା ଅଫିସ,୩।୪**

ଛଉ ଏକ ସ୍ୱତନ୍ତ୍ର ପର୍ବ , ଯାହା ମୟୂରଭଞ୍ଜ ଜିଲାର କଳା ସଂସ୍କୃତିର ଗୌରବ ଗାଥା ବହନ କରିଥାଏ। ଏହି ପର୍ବକୁ ନେଇ ଜିଲାବାସୀ ଗର୍ବ ଅନୁଭବ କରିଥାନ୍ତି। ଜିଲା ପ୍ରଶାସନର ସହଯୋଗରେ ପ୍ରତିବର୍ଷ ଏହି ପର୍ବ ପାଳନ ହେଉଥିବା ବେଳେ ଏଥର ବ୍ୟତିକ୍ରମ ଦେଖାଦେଇଛି। ଚଳିତ ମାସର ୧୧, ୧୨ ଓ ୧୩ ତାରିଖ ୩ ଦିନ ଧରି ବାରିପଦା ସ୍ଥିତ ଛଉ ପଡିଆରେ ଛଉପର୍ବ ପାଳନ ଲାଗି ପୂର୍ବରୁ ସମୟ ଧାର୍ଯ୍ୟ କରାଯାଇଥିଲା। ସମ୍ପ୍ରତି ନିର୍ବାଚନ ପରିପ୍ରେକ୍ଷୀରେ ଏହି ପର୍ବ ପାଳନ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବ ଦର୍ଶାଇ ଏହାକୁ ପାଳନ ନ କରିବା ସକାଶେ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନୀତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଜଣାଇଛନ୍ତି। ନିର୍ବାଚନ ଆଳରେ ଏହି ପର୍ବ ପାଳନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିରର କାର୍ଯ୍ୟକର୍ତ୍ତା ବୁଧବାର ବାରିପଦା ଛଉ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଥିପାଇଁ ଜିଲା ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଏପରି କି ଜିଲାର ପରମ୍ପରାକୁ ଉଜାଡି ଦିଆ ନ ଯାଉ ବୋଲି ସେମାନେ ଦାବି କରିଛନ୍ତି। ଦକ୍ଷିଣସାହି ଛଉ ନୃତ୍ୟ ମନ୍ଦିରର ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ କାର୍ତ୍ତିକେଶ୍ୱର ରଣା, ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ଦିଲୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ଦାସ ଏବଂ ଦକ୍ଷିଣ ସାହି ଚଉ ନୃତ୍ୟ ମନ୍ଦିରର ପୂର୍ବତନ ସଭାପତି ଗଣେଶ୍ୱର ରଣା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଜିଲା ପ୍ରଶାସନର ଅବହେଳା ଯୋଗୁ ମୟୂରଭଞ୍ଜ ଜିଲାର ପରମ୍ପରା ଭଙ୍ଗ ହେବାକୁ ଯାଉଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଏହି ପର୍ବ ପାଳନ କରାଯାଇଥିଲା। ତେବେ ଚଳିତ ବର୍ଷ କାହିଁକି ଏହାକୁ ପାଳନ କରାଯିବ ନାହିଁ ବୋଲି ଏହି କର୍ମକର୍ତ୍ତାମାନେ ଯୁକ୍ତି ବାଢ଼ିଥିଲେ। ଏ ପରି କି ଜିଲା ସଂସ୍କୃତି ବିଭାଗ ଅଧିକାରୀମାନଙ୍କ ସହିତ ପର୍ବପାଳନ ଲାଗି ଅନୁଷ୍ଠିତ ହୋଇଥିବା ବୈଠକରେ କୌଣସି ରାଜନେତାଙ୍କୁ କାର୍ଯ୍ୟକ୍ରମରେ ଅତିଥି କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏପରିସ୍ଥଳେ ଜିଲା ପ୍ରଶାସନ କୌଣସି ଦାୟିତ୍ୱ ନ ନେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରାଯାଇଥିଲା। ପରେ ଛଉ ନୃତ୍ୟ ଶିଳ୍ପୀ ଲଡୁକେଶ୍ୱର ରଣାଙ୍କ ନେତୃତ୍ୱରେ ଉଭୟ ଛଉ ନୃତ୍ୟ ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରିଥିଲେ। ଉଲ୍ଲେଖନୀୟ ଯେ, ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନୀତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ପତ୍ର ଲେଖି ଛଉ ପର୍ବ ବନ୍ଦ ଲାଗି ଜଣାଇବା ପରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ.୧୭୦/୨ ଏପ୍ରିଲ ୨୦୧୯) କରି ଉତ୍ତର ସାହି ଓ ଦକ୍ଷିଣ ସାହି ଅନୁଷ୍ଠାନ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଏ ନେଇ ଅବଗତ କରାଇ ଦିଆଯାଇଛି। ତେବେ ନିର୍ବାଚନ କମଶନଙ୍କ ନିର୍ଦ୍ଦେଶକୁ ବିଭିନ୍ନ ମହଲରେ ବିରୋଧ କରାଯାଇ ଜିଲାବାସୀଙ୍କ ପରମ୍ପରା ଓ ସଂସ୍କୃତି ପ୍ରତି ଏହା କୁଠାରାଘାତ ବୋଲି ମତ ପ୍ରକାଶ ପାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଛଉ ନୃତ୍ୟ ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା।

- ଜିଲାପାଳଙ୍କ ଠାରେ ଫେରାଦ ହେଲେ ଛଉ ପ୍ରେମୀ
- ଚୈତ୍ର ପର୍ବକୁ ଅନୁମତି ନ ମିଳିବା ନେଇ ଅସନ୍ତୋଷ

■ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

# ଆଉ ଜଣେ ଗିରଫ, ୪ ବାଇକ୍ ଜବତ

**ଆନନ୍ଦପୁର, ୩।୪(ସ୍ୱ.ପ୍ର.)**

ଘସିପୁରା ଥାନା ଅନ୍ତର୍ଗତ ଧକୋଠା ଗ୍ରାମରେ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରା ହତ୍ୟା ଘଟଣାରେ ପୋଲିସ ବୁଧବାର ଆଉ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବଡଏକତାଳୀ ଗ୍ରାମର କାଳନ୍ଦୀ ପୃଷ୍ଟିଙ୍କ ପୁଅ ଅଲେଖ। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ହତ୍ୟା ଘଟଣାରେ ବ୍ୟବହୃତ ୪ ବାଇକ୍କୁ ପୋଲିସ ଜବତ କରିଥିବା ଘସିପୁରା ଆଇଆଇସି ବିରଞ୍ଚି ବାଗ୍ ସୂଚନା ଦେଇଛନ୍ତି। ପୂର୍ବରୁ ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ଏକତାଳୀ ଗ୍ରାମର ପ୍ରମୋଦ ଦାସ, ଅରୁଣ ପୃଷ୍ଟି , ଅଜିତ୍ ପୃଷ୍ଟି, ସଞ୍ଜୀବ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ବୋଇତେଇ। ସୂଚନାଯୋଗ୍ୟ, ଗତ ମାସ ୨୫ ରାତି ପ୍ରାୟ ୧୦ଟା ସମୟରେ ରାମଚନ୍ଦ୍ରଙ୍କୁ ନିଜ ଧକୋଠାସ୍ଥିତ ବାସଭବନ ଗେଟ୍ ବାହାରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଖଣ୍ଡା ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଦୁର୍ବୃତ୍ତମାନେ ରାମଚନ୍ଦ୍ରଙ୍କ ଦୁଇ ହାତ କାଟି ଦେବା ସହିତ ଗୋଡ ପିଠିକୁ ହାଣିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।


ଗିରଫ ହୋଇଥିବା ଯୁବକ।


ଜବତ ୪ ବାଇକ୍।

# ଯାତ୍ରୀବାହୀ ବସ୍ ଓଲଟି ୪ ଗୁରୁତର


ଓଲଟି ପଡିଥିବା ଯାତ୍ରୀବାହୀ ବସ୍।

**ତେଲକୋଇ, ୩।୪(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତ ଅଧୀନ ମଲଣ୍ଡା ଗ୍ରାମ ବୁଲାଣିରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୪ ଜଣ ଗୁରୁତର ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଉକ୍ତ ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ସେମାନଙ୍କୁ ତେଲକୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଗଙ୍ଗାରାମ ତିରିଆ (୫୦), ସୂର୍ଯ୍ୟ ବେହେରା (୫୨), କିରାଣୀ ଚମ୍ପିଆ (୬୦), ମୁନୀ ସୋରେନ(୪୨) ରହିଛନ୍ତି। ସେମାନଙ୍କୁ କଟକ ଚିକିତ୍ସାଳୟକୁ ନିଆଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗରା, ବାଲ୍‌ଟି ଧରି ଘେରିଲେ ମହିଳା

**ଖୁଣ୍ଟା, ୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ଗ୍ରାମରେ ଏବେ ପାନୀୟ ଜଳକଷ୍ଟ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର କରା ନ ଯିବାରୁ ବୁଧବାର କିଚିକିଛିଆ ରଜସ୍ୱ ଗ୍ରାମରେ ଶତାଧିକ ମହିଳା ଓ ପୁରୁଷ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ଗରା, ବାଲ୍‌ଟି ଆଦି ପାଣିପାତ୍ର ଧରି ଏହି ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ଗାଁକୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଥିଲେ।

ଜଳକଷ୍ଟର ଶିକାର ହେଉଥିବା କିଚିକିଛିଆ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଜଳ ଯୋଗାଣ ବିଭାଗର ଅବହେଳା ସମ୍ପର୍କରେ ବିଡିଓ ମନୋଜ କୁମାର ବେହେରାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେମାନେ ଦର୍ଶାଇଥିଲେ, ପାଞ୍ଚଶହରୁ ଅଧିକ ଲୋକ ବସବାସ କରୁଥିବା ଏହି ଗ୍ରାମରେ ୪ଟି ଖୋଲା କୂଅ ଓ ୨ଟି ନଳକୂପ ରହିଛି। ଏଥିରୁ ଖୋଲା କୂପ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବା ବେଳେ ଅନ୍ୟ ଦୁଇଟି ଶୁଖି ଗଲାଣି । ସେହିପରି ବସାଯାଇଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇପଡିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁ ଅନ୍ୟ ନଳକୂପରୁ ଅଳ୍ପ ଅଳ୍ପ ପାଣି ବାହାରୁଛି । ପାନୀୟ ଜଳାଭାବ ସମ୍ପର୍କରେ ସେମାନେ ଦୀର୍ଘ ବର୍ଷ ଧରି ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ଆସୁଥିବାରୁ ଏ ନେଇ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଆସୁଛନ୍ତି। ବର୍ଷକ ତଳେ ଆରଡବ୍ଲ୍ୟୁଏସଏସ ବିଭାଗ ପକ୍ଷରୁ ପାଣି ଯୋଗାଣ ପାଇଁ ପାଇପ ଲାଇନ ବିଛା ଯାଇଥିଲା। ଏହା ଦେଖି ଲୋକେ ଆଶ୍ୱସ୍ତ ହୋଇଥିଲେ। ବହୁଦିନର ସମସ୍ୟା ଦୂର ହେବ ବୋଲି ସେମାନେ ଭାବିଥିଲେ। ମାତ୍ର ଅଦ୍ୟାବଧି ଗାଁକୁ ପାଇପ ପାଣି ଯୋଗାଣ ବ୍ୟବସ୍ଥା ହୋଇପାରି ନାହିଁ। ବାରମ୍ବାର ବିଭିନ୍ନ ଅଧିକାରୀମାନଙ୍କୁ ଗୁହାରି କର ନିରାଶ ହେବାରୁ ବାଧ ହୋଇ ସେମାନେ ଘେରାଉ ଆନ୍ଦୋଳନ କରିଥିବା କହିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବିକ୍ଷୋଭ ପ୍ରଦର୍ଶନକାରୀ କହିଥିଲେ।

ଘଟଣାସ୍ଥଳରେ ବ୍ଲକ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରି ବର୍ତ୍ତମାନ ନର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଏ ସମ୍ପର୍କରେ କୌଣସି ନୂତନ ପଦକ୍ଷେପ ନେବା ସମ୍ଭବ ନୁହେଁ ବୋଲି କହିଥିଲେ। ତେବେ ସାମୟିକ ଭାବେ ପାଣି ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।


ମହିଳାମାନେ ବ୍ଲକ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଆକ୍ରମଣ ଘଟଣାରେ ୩ ଗିରଫ

**ପାଟଣା, ୩।୪(ସ୍ୱ.ପ୍ର.)**

ପାଟଣା ଥାନା ଏରେଣ୍ଡେଇ ଗ୍ରାମ ରାଜାଭା ସାହିର ଜଣେ ବ୍ୟକ୍ତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ସ୍ୱର୍ଗତ ଅଭୟଚରଣ ମହାନ୍ତଙ୍କ ପୁଅ ଗଣେଶ୍ୱର। ଅନୁରୂପ ଭାବେ ଏହି ମାମାଲାରେ ଗଣେଶ୍ୱରଙ୍କ ଆଉ ଦୁଇ ସହଯୋଗୀଙ୍କୁ ପାଟଣା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଉଛନ୍ତି ଗଣେଶ୍ୱରଙ୍କ ଭାଇ ବୁଦ୍ଧଦେବ ମହାନ୍ତ ଓ ବୁଦ୍ଧଦେଙ୍କ ଶାଳକ କଳାକର ମହାନ୍ତ। ଗଣେଶ୍ୱର ୨ ସହଯୋଗୀଙ୍କ ସହ ମିଶି ଜମିବାଡ଼ି ବିବାଦରୁ ଗତ ରବିବାର ରାତିରେ କଟୁରୀରେ ବିକ୍ରମ ମୁଣ୍ଡାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ହୋଇ ବିକ୍ରମଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସଂଘବଦ୍ଧ ଆକ୍ରମଣରେ ବିକ୍ରମ ଗୁରୁତର ହୋଇଛନ୍ତି। ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ ପାଟଣା ଥାନାରେ ଏକ ମାମଲା (ନଂ.୪୦/୧୯) ରୁଜୁ କରିଛନ୍ତି। ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ସୂଚନା ମୁତାବକ ଆକ୍ରମଣରେ ବ୍ୟବହୃତ କଟୁରୀକୁ ପୋଲିସ ଜବତ କରିଛି।

# ବାଟବଣା ହାତୀପଲଙ୍କ ଉପଦ୍ରବ


ବାଟବଣା ହାତୀପଲ।

**ବଡ଼ସାହି, ୩।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାକୁ ପଶି ଆସି ବାଟବଣା ହୋଥିବା ଝାଡ଼ଖଣ୍ଡହାତୀପଲ ମଙ୍ଗଳବାର ରାତିଠାରୁ ବଡ଼ସାହି ବ୍ଲକର ଭୀମିଦା-ମାଣତ୍ରୀ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି । ଏହି ହାତୀପଲରେ ୩ଟି ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଶାବକ ହାତୀ ରହିଥିବା ଜଣାପଡ଼ିଛି। ସେମାନେ ନୀଳଗିରି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଘଉଡାଇବାରୁ ବାଟବଣା ହୋଇଥିବା କୁହାଯାଉଛି।

ବୁଧବାର ଏହି ହାତୀପଲ ଗଙ୍ଗାହାର ନଦୀ ସଂଲଗ୍ନ ଉଞ୍ଚଡ଼ିହ ପାଳ ଜମିରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ପାଳଜମିରେ ଚାଷ ହୋଇଥିବା ବ୍ୟାପକ ପନିପରିବା ଫସଲ ସେମାନେ ନଷ୍ଟ କରି ଦେଇଛନ୍ତି । ଦେଖଣାହାରୀ ଲୋକେ ଭିଡ଼ ଜମାଉଥିବାରୁ ସେମାନେ କୁଆଡ଼େ ନ ଯାଇ ସ୍ଥିର ଭାବେ ରହିଛନ୍ତି । ଢ଼ୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନକର୍ମଚାରୀ ଜଗିରହିଛନ୍ତି । ରାତିରେ ବେତନଟୀ ଓ ଉଦଳା ରେଞ୍ଜ କର୍ମଚାରୀ ପହଞ୍ଚିଲେ ହାତୀପଲଙ୍କୁ ଘଉଡ଼ାଇ ଚେଙ୍ଗୁଆ-ମଙ୍ଗଳପୁର ଦେଇ ନୀଳଗିରି ଅଭିମୁଖେ ଛଡାଯିବ ବୋଲି ଜଣାପଡ଼ିଛି ।




### ସରକାରୀ ଜମିରୁ ବେଆଇନ ମାଟି ଉଠାଣ

**ଭଦ୍ରକ ଅଫିସ, ୩।୪:** ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠାଣ ନେଇ ଭଦ୍ରକ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ବେଆଇନ ଭାବେ ବିଷ୍ଣୁପୁରବିନ୍ଧା ସ୍କୁଲ ନିକଟ ଦିନାରୀଲେଙ୍କାସାହି ନିକଟରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟର ଲଗାଇ ମାଟି ଉଠାଣ ହୋଇଥିବା ଅଭିଯୋଗ ହେବା ପରେ ତହସିଲଦାର ପ୍ରଦୀପ ସାହୁ ତୁରନ୍ତ ଅନ୍ନପାଳ ଆର୍‌ଆଇଙ୍କୁ ପଠାଇ ମାଟି ଉଠାଣ ବନ୍ଦ କରାଇଥିଲେ। ଆବାଦଯୋଗ୍ୟ ଅନାବାଦି ଖାତା(ପତିତ) ଯବାନମାନଙ୍କ ପାଇଁ ସଂରକ୍ଷିତ ଏହି ଜାଗାରୁ ଗାଁର କେତେକ ମୁଷ୍ଟିମେୟ ବ୍ୟକ୍ତି ମାଟି ଉଠାଇ ବିକ୍ରି କରିଆସୁଥିବା ଅଭିଯୋଗ ହୋଇଥିଲା।



Lowest EMI of ₹1111/ Lakh~ for 1st year
^^Special offer for select corporates on select models
Hyundai is now available at CSD, contact us at biswas.james@hmil.net
HYUNDAI
For more details, give a missed call on 7813828470
www.hyundai.co.in
Available as standard fitment across range.
•3 Years/ 100,000 km Warranty* •3 Years Road Side Assistance (RSA)
Complete Peace of Mind 1313 Service Outlets 1105 Sales Points 819 Cities
Book online at https://book.hyundai.co.in
PREMIER HYUNDAI
BALASORE- Call: 06782-255071/72/73/74/75, 9938449808.
BARIPADA- Call: 9938449811. BHADRAK- Call: 9938449806.
OSL HYUNDAI
PARADEEP
Mob.: 7077736590.
*Terms & Conditions apply. Benefits include cash discount, 3 gm gold coin, exchange bonus and benefits for government employees, whichever is applicable. ~From Second year onwards the EMI would increase through a structured step up with last EMI as balloon payment of 10%. Loan is at sole discretion of the financier. ^^Applicable only on GRAND i10 on select variants. ##Source: Cardekho.com for 5 years/50,000 km, lowest average yearly periodic maintenance service cost is ₹2,468 for SANTRO and ₹2,618 for GRAND i10 (Petrol in Delhi). HMIL reserves the right to withdraw / modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ନାମାଙ୍କନପତ୍ର ଦାଖଲ କଲେ ଅନନ୍ତ, ମନୋଜ ମଞ୍ଜରୀ, ରମାନାଥ


ସମର୍ଥକଙ୍କ ଗହଣରେ ଅନନ୍ତ ଦାସ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

**ବାଲେଶ୍ୱର ଅଫିସ,୩।୪**

ନିର୍ବାଚନ କମିଶନ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିବସ ବୁଧବାରରେ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଅନନ୍ତ ଦାସ ଏବଂ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋଜ ମଞ୍ଜରୀ ଦେବୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର ଲୋକସଭା ପ୍ରାର୍ଥୀ ପାଇଁ ରମାନାଥ ବାରିକ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୀଳଗିରି, ଜଳେଶ୍ୱର, ଭୋଗରାଇ, ସଦର, ରେମୁଣା, ସୋର, ଏବଂ ସିମୁଳିଆବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦ରୁ ଅଧିକ ସେଟ୍ ନାମାଙ୍କନ ପତ୍ର କ୍ରୟ ହୋଇଥିବାର ଜଣାପଡ଼ିଛି। ସେହିପରି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ପାଇଁ ସରୋଜ କୁମାର ପଣ୍ଡା ନାମାଙ୍କନ ପତ୍ର କ୍ରୟ କରଥିବାର ଜିଲା ଉପ-ନିର୍ବାଚନ ଅଧିକାରୀ ମନୋଜ କୁମାର ସେନାପତି ପ୍ରକାଶ କରିଛନ୍ତି ।

ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଭାବରେ ପ୍ରଥମେ ରମାନାଥ ବାରିକ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଫିସରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଅନନ୍ତ ଦାସ ନିଜର ସମର୍ଥକମାନଙ୍କ ସହ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କ ଅଫିସ୍‌ରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ଜିଲା ସଭାପତି ଇଂ.ରବୀନ୍ଦ୍ର ଜେନା, ଜିଲାପରିଷଦ ସଭାପତି ନିବେଦିତା ମହାନ୍ତିଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ। ଭୋଗରାଇର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ନାମାଙ୍କନ ପତ୍ର ଦାଖଲ କରିବା ଅବସରରେ ଭୋଗରାଇ ନିର୍ବାଚନମଣ୍ଡଳୀର ବିକାଶ ଧାରାରେ ରାସ୍ତାଘାଟ, ଉଦୟପୁର ବେଳାଭୂମି ବିକଶିତ, ଜଳେଶ୍ୱରରୁ ଦୀଘା ରାସ୍ତା ସବୁଠାରୁ ବଡ଼ ପ୍ରକଳ୍ପ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଲୋକାଭିମୁଖୀ ଯୋଜନା ପାଇଁ ଭୋଗରାଇବାସୀ ବିଜେଡି ପ୍ରତି ଆସ୍ଥାପ୍ରକଟ କରିବା ସହ ତାଙ୍କ ପ୍ରତି ଆଶୀର୍ବାଦ ରଖିଥିବା ସେ କହିଛନ୍ତି।


ରମାନାଥ ଜିଲାପାଳଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ପ୍ରାର୍ଥିପତ୍ର ଦାଖଲ କଲେ ୪ ପ୍ରାର୍ଥୀ

**କେନ୍ଦୁଝର, ୩।୪(ଡି.ଏନ.ଏ.)**

କେନ୍ଦୁଝର ନିର୍ବାଚନ ମଣ୍ଡଳୀ ପାଇଁ ବୁଧବାର ତିନି ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତିନି ଜଣ ଯାକ ବିଧାୟକ ପ୍ରାର୍ଥୀ ନିଜ ସମର୍ଥକଙ୍କ ଗହଣରେ ସହର ପରିକ୍ରମା କରିବା ପରେ କେନ୍ଦୁଝର ସଦର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭାଜପା ଦଳ ପକ୍ଷରୁ ମୋହନ ମାଝି ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ଭାଜପାର କେନ୍ଦୁଝର ଲୋକସଭା ପ୍ରାର୍ଥୀ ଅନନ୍ତ ନାଏକଙ୍କ ସମେତ ବହୁ ବରିଷ୍ଠ ଭାଜପା ନେତା ଓ କର୍ମୀ ଯୋଗ ଦେଇଥିଲେ। ପ୍ରାର୍ଥିପତ୍ର ଦାଖଲବେଳେ ବୁଦ୍ଧିଜୀବୀ ଜୟକୃଷ୍ଣ ପଣ୍ଡା, ବିଜୟ ରାଉତ, ଭାଜପା ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ପ୍ରକାଶ ସୂତ୍ରଧର ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଦଳର କେନ୍ଦୁଝର ବିଧାୟକ ପ୍ରାର୍ଥି ବିଦ୍ୟାଧର ଦେହୁରି ନିଜର ସମର୍ଥକଙ୍କୁ ସାଙ୍ଗରେ ନେଇ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ମୋହନ ପରିଡା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଏମପି ପ୍ରାର୍ଥୀ ଡ. ଫକୀର ଚରଣ ନାଏକ, ୫ନଂ ଜୋନ ସଭାପତି ଉତ୍ତମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଜେଡି ବିଧାୟକ ସୁବର୍ଣ୍ଣ ନାଏକ ତାଙ୍କର ଏକ ହଜାରରୁ ଅଧିକ ସମର୍ଥକଙ୍କ ଗହଣରେ ଗୋବିନ୍ଦପୁରଠାରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହ ତେଲକୋଇ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ମଧ୍ୟ ସମର୍ଥକଙ୍କ ଗହଣରେ ଆସି ସଦର ଉପଜିଲାପାଳ ତଥା ତେଲକୋଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଭାଜପା ପ୍ରାର୍ଥୀଙ୍କ ପ୍ରଚାରରେ ଅଭିନେତ୍ରୀ ନିଲୁ

**ଧାମନଗର, ୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ଭାଜପାର 'ପ୍ରତି ଘରେ ପଦ୍ମ' କାର୍ଯ୍ୟକ୍ରମ ଜାରି ରହିଛି। ଧାମନଗର ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଭାଜପାରୁ ଟିକେଟ ପାଇବା ପରେ ତାଙ୍କ ପାଇଁ ଦଳୀୟ ପ୍ରଚାର ଆରମ୍ଭ ହୋଇଛି। ଭାଜପା କର୍ମକର୍ତ୍ତାଙ୍କ ସହ ମିଶି ଅଭିନେତ୍ରୀ ନିଲୁ ବୁଲି ବୁଲି ହସନାବାଦ ପଞ୍ଚାୟତରେ ପ୍ରାର୍ଥୀ ବିଷ୍ଣୁଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ପ୍ରତି ଘରେ ପଦ୍ମ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ପଦକ୍ଷେପ ସହିତ ସ୍ୱଚ୍ଛ ଏବଂ ସଶକ୍ତ ଭାରତ ଗଠନ ନେଇ ପ୍ରଚାର କରିଥିଲେ। ଏଥିସହ ରାଜ୍ୟରେ ଭାଜପା ସରକାର ଗଠନ ସକାଶେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ବିଷ୍ଣୁଙ୍କୁ ଜିତାଇବା ପାଇଁ ସେ ଭୋଟ ଭିକ୍ଷା କରିଥିଲେ। ସେହିପରି ଧୂଷୁରୀ, ସାହସପୁର, ଫତେପୁର ଓ ବମକୁରା ଆଦି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ସୂର୍ଯ୍ୟବଂଶୀ ସୁରଜ, ଜିଲାପରିଷଦ ସଭ୍ୟା ଉମାମଣି ସାହୁ, ସରପଞ୍ଚ ଅନିରୁଦ୍ଧ ସାହୁ, ସଦାଶିବ ପୋଥାଳ, ଅନ୍ତର୍ଯ୍ୟାମୀ ପତି, ଗଣେଶ ଦାସ, ସୁରେଖା ମୁଦୁଲି, ମାନସୀ ବସନ୍ତିଆ, ବାଦଲ ବିଶ୍ୱାଳ, ଆଶିଷ ଜେନା, ବିନୋଦ ରାଉତ, ଦୀପକ ସାହୁ ଓ ଅଜୟ ବଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ଜୟଦେବ

**ଆନନ୍ଦପୁର, ୩।୪(ସ୍ୱ.ପ୍ର.)**

**ଆନନ୍ଦପୁର ନିର୍ବାଚନମଣ୍ଡଳୀ**


ଜୟଦେବ ଯେନାଙ୍କ ଶୋଭାଯାତ୍ରା।

୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର-୨୨ ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଯେନା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିକଟରେ ବୁଧବାର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏପ୍ରିଲ୍ ୨୩ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମାର୍ଚ୍ଚ ୨୮ ତାରିଖରୁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ୭ମ ଦିନ ସୁଦ୍ଧା ୪ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୟଦେବଙ୍କ ସମେତ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଏବଂ ନରେନ୍ଦ୍ର କୁମାର ଯେନା ଅଲ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକ ଦଳ ପକ୍ଷରୁ ନାମାଙ୍କନ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ଏସୟୁସିଆଇ ପକ୍ଷରୁ ଜଣିଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୟଦେବ ଆନନ୍ଦପୁର ବ୍ରିଜଛକ କାର୍ଯ୍ୟାଳୟ ଠାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ। ବଡଦାଣ୍ଡ ଠାରେ ଏକ ପଥପ୍ରାନ୍ତ ସଭା କରିବା ସହ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଆଶୀର୍ବାଦ ନେବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସଗ୍ରାମ ଯେନା, ପିସିସି ସଦସ୍ୟ ନିକୁଞ୍ଜ ବିହାରୀ ମିଶ୍ର, ନଗରମଣ୍ଡଳ କଂଗ୍ରେସ ଉପସଭାପତି ହାଡିବନ୍ଧୁ ଖୁଣ୍ଟିଆ, ରାଜ କିଶୋର ଦଳେଇ, ଅଲେଖ ମଲିକ ପ୍ରମୁଖଙ୍କ ସମେତ ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ। ସେହିପରି ଭାଜପା ପ୍ରାର୍ଥୀ ଆଲୋକ ସେଠୀ ନିରାଡମ୍ବର ଭାବେ ନିଜର ଗୋଟିଏ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସର ବିଜୟ ହେବ ବୋଲି ଜୟଦେବ କହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆନନ୍ଦପୁର ଉପଜିଲାପାଳ ସାହୁ ଉପସ୍ଥିତ ଥିବାବେଳେ ଆନନ୍ଦପୁର ତହସିଲଦାର ତପନ ନାୟକ, ରେଭିନ୍ୟୁ ଅଫିସର କୀର୍ତନ ବିହାରୀ ଓଝା, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ଘସିପୁରା ତହସିଲଦାର ରାମଚନ୍ଦ୍ର ଜେନା, ଘସିପୁରା ବିଡିଓ ଡ.ମଧୁସ୍ମୀତା ସାମନ୍ତରାୟ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ ଦାୟିତ୍ୱ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଆନନ୍ଦପୁର ଆଇଆଇସି ଗଗନ ବିଶ୍ୱାଳଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

■ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ

## ବିଜେଡିରୁ ଜଗନ୍ନାଥ, ଭାଜପାରୁ ଭବାନୀଶଙ୍କରଙ୍କ ପ୍ରାର୍ଥିପତ୍ର ଦାଖଲ

**ପାଟଣା, ୩।୪(ସ୍ୱ.ପ୍ର.)**


ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ଯୁବନେତା ଜଗନ୍ନାଥ ନାଏକ।

କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ବୁଧବାର ଜିଲା ଅତିରିକ୍ତ ଜିଲାପାଳ ଭକ୍ତ ଚରଣ ପ୍ରଧାନଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ଯୁବନେତା ଜନ୍ନାଥ ନାଏକ ୪ ସେଟର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଯୁବନେତା ତଥା ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ କେନ୍ଦୁଝର କାଳିପଡ଼ିଆରୁ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ପୂର୍ବତନ ପାଟଣା ବିଧାୟକ କାହ୍ନୁ ଚରଣ ନାଏକ, ବିଜେଡି ଯୁବନେତା ସୌମ୍ୟଶଙ୍କର ଚକ୍ର, ଆଶିଷ ଆଚାର୍ଯ୍ୟ, ମାଧବା ନନ୍ଦ ପୃଷ୍ଟି, ରାହାସବିହାରୀ ପୃଷ୍ଟି, କରୁଣା ସାଗର ଖାଟୁଆ, ମିତ୍ରଭାନୁ ମହାନ୍ତ ଓ କମଳିନୀ ପାତ୍ରଙ୍କ ସହ ବିରାଟ ଶୋଭାଯାତ୍ରାରେ ବାହାରି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅନୁରୂପ ଭାବେ ଭାଜପା ପକ୍ଷରୁ ଭବାନୀଶଙ୍କର ନାଏକ କେନ୍ଦୁଝରସ୍ଥିତ ତୈଳିକ ସମାଜରୁ ଶୋଭାଯାତ୍ରାରେ ବାହାରି ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଭାଜପା ଯୁବନେତା ହେମରଞ୍ଜନ ବାରିକ, ଗୌତମ ନାଏକ, କିରଣବାଳା ନାଏକ ଓ ଶ୍ରୀମନ୍ତ ତ୍ରିପାଠୀଙ୍କ ସହ ଆସି ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

## ତିନି ପ୍ରାର୍ଥୀ କ୍ରୟ କଲେ ନାମାଙ୍କନପତ୍ର

**ବାରିପଦା ଅଫିସ,୩।୪:** ୨୯ ତାରିଖରେ ମୟୂରଭଞ୍ଜ ଲୋକସଭା ସମେତ ଏହା ଅଧୀନ୭ଟିନିର୍ବାଚନ ମଣ୍ଡଳୀ ପାଇଁନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୨ ତାରିଖରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ଭାଜପା ଲୋକସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁ, ଲୋକସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ନନ୍ଦ କିଶୋର କିସ୍କୁ ଏବଂ ବାଙ୍ଗିରିପୋଷୀ ନିର୍ବାଚନ ମଣ୍ଡଳୀ ପାଇଁ ଯୋଦ୍ଧା ବେଶ୍ରା ନାମାଙ୍କନ ପତ୍ର କ୍ରୟ କରିଛନ୍ତି।

## ଘୋଷଣା ପୂର୍ବରୁ ନାମାଙ୍କନପତ୍ର ଦାଖଲ କଲେ ନିରଞ୍ଜନ

**ଆନନ୍ଦପୁର, ୩।୪(ସ୍ୱ.ପ୍ର.)**

ସମଗ୍ର ରାଜ୍ୟରେ କଂଗ୍ରେସର ଦୟନୀୟ ସ୍ଥିତି ନେଇ ଆଲୋଚନା ହେଉଛି। ବୁଡି ଯାଉଥିବା କଂଗ୍ରେସ ଡଙ୍ଗାର ମଙ୍ଗ ସମ୍ଭାଳିବାକୁ ଅଣ୍ଟା ଭିଡିଥିଲେ ନିରଞ୍ଜନ ପଟ୍ଟନାୟକ। ହେଲେ ଆଶାନୁରୂପ ସଫଳତା ପାଇ ପାରୁ ନାହାନ୍ତି। ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ କଂଗ୍ରେସର ବହୁ ତୁଙ୍ଗ ନେତା ଦଳ ଛାଡି ସାରିଲେଣି। ଏତେ ସବୁ ପରେ ବି ପାରମ୍ପରିକ ବିଧାନସଭା ନିର୍ବାଚନମଣ୍ଡଳୀ ଘସିପୁରାରେ ନିଜ ଭାଗ୍ୟ କରାଇବାକୁ ଚାହୁଁଛନ୍ତି। ଏହି ଆସନ ବ୍ୟତୀତ ପଡୋଶୀ ଜିଲା ଭଦ୍ରକର ଭଣ୍ଡାରୁପୋଖରୀରୁ ପ୍ରାର୍ଥୀ ହେବା ସମ୍ଭାବନା ମଧ୍ୟ ରହିଛି। ତେଣୁ ନିରଞ୍ଜନଙ୍କ ଦୁଇ ସ୍ଥାନରୁ ପ୍ରାର୍ଥୀ ହେବା ଶୁଭ କି ଅଶୁଭ ତାହା ଫଳାଫଳ ପରେ ହିଁ ଜଣାପଡିବ। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଖୋଦ ନିରଞ୍ଜନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଦମ୍ ଦେଖାଇବାକୁ ଯାଇ ରାଜ୍ୟ ପିସିସି ମୁଖିଆ ଘସିପୁରା ରାଜନୀତିରେ ଭାଗିଦାରୀ ହେବାକୁ ଇଛା ପ୍ରକାଶ କରି ହାଇକମାଣ୍ଡଙ୍କ ଆଡକୁ ଦୋଷ ଠେଲି ଦେଇଥିଲେ। ହାଇକମାଣ୍ଡ ଚାହିଁଲେ ସେ ନିର୍ବାଚନ ଲଢ଼ିବି ବୋଲି ଗଣମାଧ୍ୟମ ଆଗରେ କହିଥିଲେ।

ହାଇକମାଣ୍ଡଙ୍କ ଟିକେଟ ମିଳିବାକୁ ଅପେକ୍ଷା ନ କରି ନିଜର ସମର୍ଥକଙ୍କୁ ଧରି ପିସିସି ମୁଖିଆ ଦୁଇ ପାଦ ଆଗକୁ ଯାଇଛନ୍ତି। ବିଧିବଦ୍ଧ ନାମ ଘୋଷଣା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିକଟରେ ଘସିପୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ଗୋଟିଏ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଘୋଷଣା ନ ଥାଇ ନାମାଙ୍କନପତ୍ର ଦାଖଲ କରିଥିବା ପିସିସି ମୁଖିଆଙ୍କର ସତେ ଯେମିତି ଚାରିଖୁଣ ମାଫ୍ ବୋଲି ଆଲୋଚନା ହେଉଛି। ବୁଧବାର ଏଆଇସିସି ପ୍ରେସ୍ ରିଲିଜ୍‌ରେ ଘସିପୁରା-୨୧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ନିରଞ୍ଜନଙ୍କ ନାମ ସ୍ଥାନିତ ହୋଇଛି।

## ବିଜେଡିର ୨ କର୍ମୀ ସମ୍ମିଳନୀ

**ଧାମନଗର, ୩।୪ (ଡି.ଏନ.ଏ.)**

ବୁଧବାର ବିଜେଡିର ୨ଟି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଧାମନଗର ଏନ୍‌ଏସି ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପୂର୍ବାହ୍ନରେ ଶରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ନିର୍ବାଚନ ଲଢ଼ିବା ନେଇ ରଣନୀତି ପ୍ରସ୍ତୁତ ହୋଇଛି। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ଜିଲା କୃଷକ ସେଲ୍ ସଭାପତି ଅଜୟ ନାୟକ, ନାରୀନେତ୍ରୀ ସୁରତି ନାୟକ, ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ପ୍ରମୁଖ ବିଜେଡିକୁ ଜିତାଇବା ପାଇଁ ଶପଥ ନେଇଥିଲେ। ସେହିପରି ସନ୍ଧ୍ୟାରେ ଅସୁରାଳି ମା' ବରୁଣାଇଙ୍କ ପୀଠରେ ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ବିଶାଳ କର୍ମୀ ସମ୍ମିଳନୀ ହୋଇ ସମସ୍ତ ଅନ୍ତର୍ଦ୍ୱନ୍ଦ୍ୱ ଦୂର କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଆହ୍ୱାନ ଦିଆଯାଇଛି। ବିଧାୟକ ମଣ୍ଡଳ, ଜିଲା ବିଜେଡି ସଭାପତି ସ୍ୱାଇଁ, ଜିଲା ନାରୀନେତ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ନାରୀନେତ୍ରୀ ସୁରତୀ ନାୟକ, ବିନୋଦ ନାୟକ, ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାତ୍ରୀ, ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ଏବଂ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ସ୍ୱାଗତ କରିଥିଲେ।

## ଭାଜପାରୁ ପ୍ରାର୍ଥୀ ହେଲେ ଅନନ୍ତ ନାୟକ

**କେନ୍ଦୁଝର, ୩।୪(ସ୍ୱ.ପ୍ର./ଡି.ଏନ.ଏ.)**

**କେନ୍ଦୁଝର ଲୋକସଭା ଆସନ**

କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଅନନ୍ତ ନାୟକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନନ୍ତ ପୂର୍ବରୁ ଦୁଇ ଥର ଏମ୍‌ପି ଥିଲେ। ଏକ ବିରାଟ ଶୋଭଯାତ୍ରାରେ ଭାଜପା ନେତା ଓ କର୍ମୀଙ୍କ ଗହଣରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ବଡବିଲ ପୌରାଧ୍ୟକ୍ଷ ଦିଲୀପ ମିଶ୍ର, ଜିଲା ପରିଷଦ ସଭ୍ୟ ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା କିରଣବାଳା ନାୟକ, ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ୧୦ ହଜାରରୁ ଅଧିକ ଭାଜପା କର୍ମୀ ଓ ନେତା ସାମିଲ ହୋଇଥିବାବେଳେ ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ,ତେଲକୋଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ, ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ସମେତ ବହୁ ବରିଷ୍ଠ ଭାଜପା ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ

**ଚମ୍ପୁଆ, ୩।୪ (ଡି.ଏନ.ଏ.)**

୨୦୧୯ ନିର୍ବାଚନ ନିମନ୍ତେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ବୁଧବାର ୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ କମିସନଙ୍କ ନିୟମ ଅନୁଯାୟୀ ପ୍ରାର୍ଥୀମାନେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବେଳେ ସିପିଆଇଏମଏଲରୁ ପଞ୍ଚରନ୍ ମହାକୁଡ, କଳିଙ୍ଗ ସେନା ପକ୍ଷରୁ ଗଙ୍ଗା ମହାକୁଡ, ସ୍ୱାଧୀନ ପ୍ରାର୍ଥୀ ଭାବେ ମହେନ୍ଦ୍ର କୁମାର ଗିରି, ଗୁରୁବକ୍ସ ସିଂ ଆଲୁୱାଲିଆ, ଭାରତୀୟ ମିତ୍ର ପାର୍ଟିରୁ ରାଜେନ ମୁଣ୍ଡା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ପ୍ରାର୍ଥିପତ୍ର ଦାଖଲ କଲେ ବିଷ୍ଣୁବ୍ରତ

**ଭଦ୍ରକ ଅଫିସ/ବାସୁଦେବପୁର/ପଦ୍ମପୁର, ୩।୪(ଡି.ଏନ.ଏ.)**


ବିଷ୍ଣୁବ୍ରତ ରାଉତରାୟ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଶ୍ୟାମଭକ୍ତ ମିଶ୍ରଙ୍କ ନିକଟରେ ବୁଧବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଷ୍ଣୁବ୍ରତ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ବାସୁଦେବପୁରର ଆରାଧ୍ୟ ଦେବତା ବଳଦେବଜୀଉ, ମା' ଭେଡାନାୟକାଣୀ ଓ ଏଡତାଳର ପାବନକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ଧାମରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ତାଙ୍କ ସହ ଜିଲା ବିଜେଡି ଉପସଭାପତି ଦେବଦର୍ଶନ ଦାସ, ବ୍ଲକ ଯୁବ ସଭାପତି ଅସିତ କୁମାର ଦାସ, ବ୍ଲକ ସଭାପତି ଭାଗୀରଥି ବଳ, ବରିଷ୍ଠ ନେତା ସୁରେଶ ଚନ୍ଦ୍ର ମହାନ୍ତି, ଗିରୀଶ ଚନ୍ଦ୍ର ସାମଲ, ଦୀନବନ୍ଧୁ ଦାସ, ରାଜାକୁମାର ନାୟକ, ଉତ୍ତମ କୁମାର ପାତ୍ର, ବନଜ କୁମାର ମହାପାତ୍ର, ଜୟକୃଷ୍ଣ ନାୟକ, ହରେକୃଷ୍ଣ ଦତ୍ତ, ଉମାକାନ୍ତ ଦାସ, ପୃଥ୍ୱୀରାଜ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ମୁକ୍ତିକାନ୍ତ ଦତ୍ତ ଓ ହଜାର ହଜାର ସମର୍ଥକ ଶୋଭାଯାତ୍ରାରେ ଏଡ଼ତାଳଠାରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟରୁ ସମର୍ଥକଙ୍କ ସହ ବିଷ୍ଣୁବ୍ରତ ଏକ ଘଣ୍ଟୁଆ ଓ ଆତସବାଜି ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଲୋକ ସଭାର ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ବିଜେଡି ନେତା ସୁରେଶ ମହାନ୍ତି ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ ବେଳେ ଉପସ୍ଥିତ ଥିଲେ।